ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.300 Bhubaneswar Tuesday January 16 2024 | ୨୬ତମ ବର୍ଷ ସଂଖ୍ୟା-୩୦୦ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


## ଧାନରେ ତିଆରି ଅଳଙ୍କାରରେ ବିଭୂଷିତ ହେଲେ ମାଆ ମଙ୍ଗଳା

ଭୁବନେଶ୍ୱର,୧୫।୧(ପି.ଏନ): ପବିତ୍ର ମକର ସଂକ୍ରାନ୍ତି ଅବସରରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମାଆ ମଙ୍ଗଳା ଧାନରେ ତିଆରି ଅଳଙ୍କାରରେ ବିଭୂଷିତ ହୋଇଛନ୍ତି। ରୁଦ୍ର ନାରାୟଣ ଦୀକ୍ଷିତ ନାମକ ଜଣେ ଭକ୍ତ ଏହି ସବୁ ଅଳଙ୍କାର ଦାନ କରିଛନ୍ତି। ଆଜି ଶ୍ରଦ୍ଧାଳୁମାନେ ମାଆଙ୍କ ଏହି ବେଶ୍ ଦେଖି ଆତ୍ମବିଭୋର ହୋଇଛନ୍ତି। ନିର୍ଦ୍ଧାରିତ ସମୟରେ ମାଆ ମଙ୍ଗଳାଙ୍କ ରୀତିନୀତି ସମ୍ପନ୍ନ ହୋଇଥିଲା। ତା'ପରେ ମାଆ ମଙ୍ଗଳା ଧାନରେ ତିଆରି ହୋଇଥିବା ଅଳଙ୍କର ଧାରଣ କରିଥିଲେ। ମାଆଙ୍କଠାରେ ଧାନରେ ନିର୍ମିତ ହାର, କାନଫୁଲ, ମଥାର ସିନ୍ଥି, ନାକ ଫୁଲ ଆଦି ବିଭିନ୍ନ ଅଳଙ୍କାର ଲାଗି ହୋଇଥିଲା। ମକର ନୀତି କାନ୍ତିରେ ସ୍ୱତନ୍ତ୍ର ବେଶରେ ମାଆଙ୍କୁ ଏହି ଧାନ ଅଳଙ୍କାରରେ ବିଭୂଷିତ କରାଯାଇଥିଲା।



## ଚାଇନା ଗୁଡି ସୂତା ଲାଗି ୨ ବାଇକ ଆରୋହୀ ଆହତ

କଟକ,୧୫।୧(ପି.ଏନ): ମକର ସକ୍ରାନ୍ତି ପର୍ବରେ ଗୁଡି ସୂତା ପାଇଁ ଏକ ଅଘଟଣ ଘଟିବା ଖବର ସାମ୍ନାକୁ ଆସିଛି । ଏଥିରେ ୨ ବାଇକ ଆରୋହୀ ଆହତ ହୋଇଛନ୍ତି । ବାଇକରେ ଆସୁଥିବା ବେଳେ ବାଲିକୁଦା ଛକ ନିକଟରେ ସୂତା ଲାଗି ଏପରି ଅଘଟଣ ଘଟିଛି ।ସୂଚନା ଅନୁଯାୟୀ, ଏହି ଦୁଇ ଯୁବକ ବାଇକରେ ନିଆଳିରୁ କଟକ ଆସୁଥିଲେ । ଏହି ସମୟରେ ଗୁଡି ସୂତା ଜଣଙ୍କର ବେକରେ ଲାଗିବା ବେଳେ ଅନ୍ୟଜଣକଙ୍କର ହାତ ପାପୁଲିରେ ଲାଗିଥିଲା । ଏହାପରେ ଦୁଇ ଜଣ ରକ୍ତାକ୍ତ ହୋଇଛନ୍ତି । ଏହା ଚାଇନା ଗୁଡି ସୂତା ବୋଲି ଜଣାପଡିଛି ।ମକର



ସଂକ୍ରାନ୍ତି ପୂର୍ବରୁ ଓଡିଶା ପୋଲିସ ସାଧାରଣ ଲୋକଙ୍କୁ ଗୁଡି ଉଡାଇବା ନେଇ ସତର୍କ ସୂଚନା ଜାରି କରିଥିଲା । ଗୁଡି ଉଡାଇବା ସମୟରେ ମାଞ୍ଜା ସୂତା ବ୍ୟବହାର ନ କରିବାକୁ ଅପିଲ୍ କରିଥିଲା ଓଡିଶା ପୋଲିସ । ମାଞ୍ଜା ସୂତା ବ୍ୟବହାର ନ କରି ସାଧାରଣ ସୂତାରେ ଗୁଡି ଉଡାଇବାକୁ ଓଡିଶା ପୋଲିସ ସମସ୍ତଙ୍କୁ ପରାମର୍ଶ ଦେଇଥିଲା । ତଥାପି ଲୋକେ ଆଇନ ଅମାନ୍ୟ କରି ଗୁଡ଼ି ଉଡାଉଛନ୍ତି ।

## ପବିତ୍ର ମକର ସଂକ୍ରାନ୍ତି, ସବୁ ମନ୍ଦିରରେ ଭକ୍ତଙ୍କ ଭିଡ



ଭୁବନେଶ୍ୱର,୧୫।୧(ପି.ଏନ): ଆଜି ହେଉଛି ପବିତ୍ର ମକର ସଂକ୍ରାନ୍ତି । ଏହି ଅବସରରେ ସାରା ରାଜ୍ୟ ଉତ୍ସବମୁଖର ହୋଇପଡିଛି । ପୂର୍ବଠାରୁ ପଶ୍ଚିମ ଓ ଉତ୍ତରରୁ ଦକ୍ଷିଣ ଓଡିଶା ଯାଏ ସବୁଠି ଭିନ୍ନ ଭିନ୍ନ ଢଙ୍ଗରେ ପାଳିତ ହେଉଛି ଏହି ପର୍ବ । ଆଜି ସକାଳେ ଘରେ ଠାକୁରଙ୍କ ପାଖରେ ମକର ଚାଉଳ ଭୋଗ କରାଯାଉଛି ।ମକର ସଂକ୍ରାନ୍ତି ଉପଲକ୍ଷେ ଆଜି ଶ୍ରୀମନ୍ଦିରରେ ସକାଳୁ ସକାଳୁ ଭକ୍ତଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି । ଏଣେ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ମକର ନୀତି ଅନୁଷ୍ଠିତ ହେବ। ଶ୍ରୀଜିଉ ମକର ଚୌରାଅଶି ବେଶରେ ଦର୍ଶନ ଦେବେ ଶ୍ରୀଜିଉ । ଗୁଡିଆମାନେ ଫେଣା, ଶାକର ଆଣି ମକର ଭୋଗ ପ୍ରସ୍ତୁତ କରିବେ। ଏହାସହିତ ମହାବାହୁଙ୍କ ଶ୍ରୀଚରଣରେ ବିଶ୍ୱର ସର୍ବବୃହତ ନଳୀ ପାନ ଅର୍ପଣ କରାଯିବାର ବିଧି ରହିଛି ।

## ଏୟାର ଫୋର୍ସ ଅଫିସର ଜିତିଲେ ସୁନ୍ଦରୀ ପ୍ରତିଯୋଗିତା

ଭୁବନେଶ୍ୱର,୧୫।୧(ପି.ଏନ): ଏୟାର ଫୋର୍ସ ଅଫିସର ଜିତିଲେ ସୁନ୍ଦରୀ ପ୍ରତିଯୋଗିତା । ୨୨ ବର୍ଷୀୟ ମ୍ୟାଡିସନ ମାର୍ସ ହେଲେ ମିସ ଆମେରିକା ୨୦୨୪ । ଚାକିରିରେ ଥାଇ ସୁନ୍ଦରୀ ପ୍ରତିଯୋଗିତା ଜିତିବାରେ ମ୍ୟାଡିସନ ପ୍ରଥମ ମହିଳା । ଆମେରିକା ଏୟାର ଫୋର୍ସରେ ଲ୍ୟୁଟନାଣ୍ଟ ଅଫିସର ଭାବେ କାର୍ଯ୍ୟ କରନ୍ତି । ହାର୍ଭାର୍ଡ ୟୁନିଭରସିଟିରୁ ପବଲିକ ପଲିସିରେ ସ୍ନାତକୋତ୍ତର କରିଛନ୍ତି । ଫ୍ଲୋରିଡାରେ ମିସ ଆମେରିକା ୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୫୧ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଟାଇଟେଲ ହାତେଇଲେ ମ୍ୟାଡିସନ । ଗତ ବର୍ଷ ମିସ କଲରାଡୋ ଟାଇଟେଲ ଜିତିଥିଲେ ମ୍ୟାଡିସନ । ଗତ ବର୍ଷ ୟୁଏସ ଏୟାର ଫୋର୍ସ ଏକାଡେମୀରୁ ସେ ଉତ୍ତୀର୍ଣ୍ଣ ହୋଇଥିଲେ।

## ଆରମ୍ଭ ହେଲା ବିଶ୍ୱପ୍ରସିଦ୍ଧ ବରଗଡ ଧନୁଯାତ୍ରା

ଭୁବନେଶ୍ୱର,୧୫।୧(ପି.ଏନ): ଆଜିଠାରୁ ଆରମ୍ଭ ବରଗଡର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ହାଟପଦାରେ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ସର୍ବବୃହତ୍ ମୁକ୍ତାକାଶ ରଂଗମଚ଼ରେ ହୋଇଛି ବିଶାଳ ଆୟୋଜନ ।ବରଗଡ ସାଂସଦ ସୁରେଶ ପୂଜାରୀଙ୍କ ଦ୍ୱାରା ଧନୁଯାତ୍ରା ଉଦ୍‌ଘାଟିତ ହୋଇଛି । ଆଜି ପ୍ରଥମ ରଜନୀରେ ମଞ୍ଚସ୍ଥ ହେଉଛି ଦେବକୀ-ବସୁଦେବଙ୍କ ବିବାହ। ଏଥିସହ ବୈବାଣୀ ପରେ ଉଗ୍ରସେନଙ୍କୁ



ଗାଦିଚ୍ୟୁତ କରି କଂସଙ୍କ ସିଂହାସନ ଆରୋହଣ ପରେ ବସୁଦେବ-ଦେବକୀଙ୍କୁ କାରାଗାରରେ ଭର୍ତ୍ତି କରିବେ ମହାରାଜ କଂସ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଛୁଟି ଘୋଷଣା

ଭୁବନେଶ୍ୱର,୧୫।୧(ପି.ଏନ): ଆଉମାତ୍ର ତିନିଦିନ ପରେ ଅର୍ଥାତ ୧୭ ତାରିଖ ଦିନ ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏହି ଅବସରରେ ଜାନୁୟାରୀ ୧୭ ତାରିଖ ଦିନକୁ ସରକାରୀ ଛୁଟି ଭାବେ ଘୋଷଣା କରିଛନ୍ତି ରାଜ୍ୟ ସରକାର । ଏହି ଦିନ ସମସ୍ତ ସରକାରୀ ଅଫିସ, ସ୍କୁଲ ଓ କଲେଜ ବନ୍ଦ ରହିବ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଐତିହ୍ୟ ପ୍ରକଳ୍ପର ଲୋକାର୍ପଣ କରିବେ। ତେବେ ଇତିମଧ୍ୟରେ ଲୋକାର୍ପଣ ଉତ୍ସବର ଆଦ୍ୟପର୍ବ ଯଜ୍ଞକର୍ମର ବିଭିନ୍ନ ପୂଜାନୀତି ଆରମ୍ଭ ହୋଇଛି। ଫଳରେ ମନ୍ତ୍ରୋପୋଚ୍ଚାରଣରେ ଶ୍ରୀକ୍ଷେତ୍ର କମ୍ପୁଛି। ଚାରିଆଡେ "ଜୟ ଜଗନ୍ନାଥ" ଧ୍ୱନି ଗୁଞ୍ଜରିତ ହେଉଛି। ଶ୍ରୀକ୍ଷେତ୍ର ସମେତ ଓଡିଶା ମାଟିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପଟେ ପୁରୀ ଆସିବା ପାଇଁ ଶ୍ରଦ୍ଧାଳୁ ମାନେ ପ୍ରସ୍ତୁତ ହେବାକୁ ଲାଗିଲେଣି। ସୂଚନା ଥାଉକି, ଶନିବାର ଅଙ୍କୁର ପୂଜନ ଓ ମଣ୍ଡଳକଟା ଯାଇଥିବାବେଳେ, ରବିବାର ହୋଇଛି ମଣ୍ଡଳ ସ୍ଥାପନ, ଯଜ୍ଞ ଅଧିବାସ, ଧ୍ୱଜା ସ୍ଥାପନ, ତୋରଣ ସ୍ଥାପନ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଶୋତ୍ରିୟ ବ୍ରାହ୍ମଣ ଏହି ନୀତିକାନ୍ତି ସମାପନ କରିଛନ୍ତି। ଅନ୍ୟପଟେ ବଡ଼ଦାଣ୍ଡରୁ ବେଳାଭୂମି ପୁଣି ସିଂହଦ୍ୱାରରୁ ଶରଧାବାଲି ସବୁ କିଛି ନୂଆ ନୂଆ ଲାଗୁଛି। ବଡ଼ଦାଣ୍ଡରେ ଏକରଙ୍ଗୀ କୋଠା, ଆଖି ଝଲସାଇବା ଦେବାଭଳି ଆଲୋକୀକରଣ, ରାସ୍ତାଘାଟ, କାନ୍ଥ ଓ ପ୍ରାଚୀରେ ରଙ୍ଗ ବେରଙ୍ଗର ଚିତ୍ର ସବୁ ଅଙ୍କାଯାଇଛି। ସେହିପରି ଶ୍ରୀକ୍ଷେତ୍ରର ପ୍ରତି ରାସ୍ତାକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

## ଆନ୍ଧ୍ର ପ୍ରଦେଶ କଂଗ୍ରେସ ସଭାପତି ପଦରୁ ରୁଦ୍ର ରାଜୁଙ୍କ ଇସ୍ତଫା, ଶର୍ମିଳାଙ୍କୁ ମିଳିବ ଦାୟିତ୍ୱ !





ଭୁବନେଶ୍ୱର,୧୫।୧(ପି.ଏନ): ଆନ୍ଧ୍ର ପ୍ରଦେଶ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି ଜି. ରୁଦ୍ର ରାଜୁ। ଜାତୀୟ ଗଣମାଧ୍ୟମରେ ଏନେଇ ଖବର ପ୍ରକାଶ ପାଇଛି। ନିକଟରେ କଂଗ୍ରେସରେ ଯୋଗ ଦେଇଥିବା ୱାଇ.ଏସ୍ ଶର୍ମିଳାଙ୍କୁ ଏହି ପଦ ଦିଆଯାଇପାରେ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, କଂଗ୍ରେସ ପକ୍ଷରୁ ଖୁବ୍ ଶୀଘ୍ର ଏନେଇ ଘୋଷଣା କରାଯିବ। ଗତ ୪ ତାରିଖରେ କଂଗ୍ରେସରେ ମିଶିଥିଲେ ୱାଇ.ଏସ୍ ଶର୍ମିଳା। ସେ ତାଙ୍କ ଦଳ ୱାଇଏସ୍ ?ଆର ତେଲଙ୍ଗାନାକୁ ମଧ୍ୟ କଂଗ୍ରେସରେ ମିଶାଇ ଦେଇଥିଲେ। ଶର୍ମିଳା ହେଉଛନ୍ତି ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍ ଜଗନ ମୋହନ ରେଡ୍ଡୀଙ୍କ ଭଉଣୀ।

## ପାରାଦୀପ ଆସିଲେ ପାରାଦୀପ ବିଧାୟକ-ଆସିଲେନି ଦଳୀୟ ପାରିଷଦ

ପାରାଦୀପ,୧୫।୧(ପି.ଏନ): ସାଧାରଣ ନିର୍ବାଚନ ଆଉ ଅଳ୍ପ ଦିନ ରହିଲା । ଆଗାମୀ ଦିନରେ ନିର୍ବାଚନ କମିଶନର ନିର୍ବଚନର ବିଗୁଲ ବଜାଇବେ । ଏଥି ନେଇ ସବୁ ଆଡେ ବିଧାୟକ ଟିକେଟ କାହାକୁ ମିଳିବ ସେ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଗଲାଣି । ପାରାଦୀପ ବିଧାନସଭା ନିର୍ବଚନ ମଣ୍ଡଳିରେ ଦଳୀୟ ଟିକେଟ ପାଇବା ପାଇଁ ଆଶାୟୀଙ୍କ ସଂଖ୍ୟା ବହୁତ । ଏଭଳି ପରିସ୍ଥିତିରେ ରବିବାର ଦିନ ପାରାଦୀପ ବିଧାୟକ ସଂବିତ ରାଉତରାୟ ପାରାଦୀପ ଆସିଥିଲେ । ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ଏକ ବୈଠକ ଡାକିଥିଲେ । ଏହି ବୈଠକରେ ହାତଗଣତି କର୍ମୀ ଆସିଥିଲେ । ଦଳର ବହୁ ପୁରୁଖା, ଯୁବ,ତଥା ଭେଟେରାନ୍‌ମାନଙ୍କୁ ଏହି ବୈଠକରେ ଦେଖିବାକୁ ମିଳିନଥିଲା । ଦଳୀୟ ବିଧାୟକଙ୍କ ପାରାଦୀପ ଆଗମନରେ ଖୋଦ୍ ନଗର ବିଜେଡି ସଭାପତି ତଥା ନଗରପାଳ ବସ' ବିଶ୍ୱାଳ ବି ଅଲୋଡା ହୋଇଯାଇଥିଲେ । ଏପରିକି ଏହି ବୈଠକକୁ କେହି ଜଣେ ହେଲେବି ଦଳୀୟ ପୌର ପାରିଷଦ ବି ଆସିନଥିଲେ । ଯାହା ଜଣା ପଡୁଛି ବିଧାୟକ ନିଜ ନିର୍ବାଚନ ମଣ୍ଡଳୀରେ ଏକଘରିଆ ପ୍ରାୟ ହୋଇଯାଇଛନ୍ତି । ଦଳର ବରିଷ୍ଠ ନେତା, ପାରିଷଦ ଓ କର୍ମୀମାନେ ଏହି ବୈଠକକୁ ନଆସିବା ନେଇ କର୍ମୀ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି କଲାଣି । ନଗର ବିଜେଡି ସଭାପତି ତଥା ନଗରପାଳ ବସ' ବିଶ୍ୱାଳଙ୍କ ସହିତ ବିଧାୟକଙ୍କ ସମ୍ପର୍କ କିଭଳି ତାହା କାହାରିକୁ ଅଛପା ନାହିଁ । ଗତ ପୌର ନିର୍ବାଚନରେ ନଗରପାଳ ସର୍ବାଧିକ ଭୋଟ ବ୍ୟବଧାନରେ ପ୍ରତିପକ୍ଷଙ୍କୁ ହରାଇ ନିଜର ନେତୃତ୍ୱର ଦକ୍ଷତା ପ୍ରତିପାଦନ କରିଥିଲେ । ଏହା ପର ଠାରୁ ନଗରପାଳ ଓ ବିଧାୟକଙ୍କ ମଧ୍ୟରେ ସମ୍ପର୍କର ଦୂରତା ବହୁ ଭାବେ ବଢିଯାଇଥିଲା । ନିର୍ବାଚନ ଆଉ ଅଳ୍ପ ଦିନ ଥିବା ବେଳେ ଏହି ଘଟଣାକୁ ନେଇ ସବୁ ଆଡେ ନାନା ଆଲୋଚନା ହେଉଛି ।

## ପ୍ରକାଶ ପାଇଲା ଜୁନିଅର ଟିଚ଼ର ସ୍କିମାଟିକ ଫଳ

ଭୁବନେଶ୍ୱର,୧୫।୧(ପି.ଏନ): ପ୍ରକାଶ ପାଇଲା ଜୁନିଅର ଟିଚ଼ର ସ୍କିମାଟିକ ଫଳ । ୨୦ ହଜାର ପଦ ପାଇଁ ୯୩ ହଜାର ୯୬୬ ଜଣ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ । କମ୍ପ୍ୟୁଟର୍ ବେସଡ ଟେଷ୍ଟ- ସିବିଟି ମାଧ୍ୟମରେ ପରୀକ୍ଷା ହୋଇଥିଲା । ଯେଉଁଥିରେ ୧୮ ହଜାର ୭୮୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । osepa.odisha. gov.in ରେ ପ୍ରକାଶ ପାଇଛି ପରୀକ୍ଷା ଫଳ । ରାଜ୍ୟର ୫୮ଟି କେନ୍ଦ୍ରରେ ହୋଇଥିଲା ଶିକ୍ଷକ ନିଯୁକ୍ତି ଲାଗି ପରୀକ୍ଷା । ପରୀକ୍ଷାର ସୁପରିଚାଳନା ଦାୟିତ୍ୱରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରହିଥିଲେ । ଜିଲ୍ଲାପାଳଙ୍କ ଦ୍ୱାରା ନିଯୁକ୍ତ ନୋଡାଲ୍ ଅଫିସର ଓ ବିଭିନ୍ନ ନିର୍ଦ୍ଦେଶାଳୟର ୧୮ଜଣ ବରିଷ୍ଠ ଅଧିକାରୀ ପରୀକ୍ଷା ଦିନ ଜିଲ୍ଲା ଗସ୍ତ କରି ପରୀକ୍ଷା ତଦାରଖ କରିଥିଲେ । ଏହାସହ ଓଡ଼ିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ବା ଓସେପା କାର୍ଯ୍ୟାଳୟରେ ଏକ କମାଣ୍ଡ ସେଣ୍ଟର୍ ଖୋଲାଯାଇଥିଲା । ସେଠାରୁ ପରୀକ୍ଷା କେନ୍ଦ୍ରରେ ଲାଗିଥିବା ସିସିଟିଭିରେ ଲାଇଭ୍ ଷ୍ଟ୍ରିମିଂ ଦେଖି ପରୀକ୍ଷା ନିୟନ୍ତ୍ରଣ ସମ୍ପର୍କିତ ନିର୍ଦ୍ଦେଶ ଦିଆଯାଇଥିଲା ।

## କାଠରେ ହନୁମାନ ଚାଳିଶା ପୁସ୍ତକ; ଅଯୋଧ୍ୟା ପଠାଇବାକୁ ମୋଦିଙ୍କୁ କଲେ ନିବେଦନ

ଭୁବନେଶ୍ୱର,୧୫।୧(ପି.ଏନ): ହନୁମାନ ଚାଳିଶା। ପୁସ୍ତକ ଆକାରରେ ହନୁମାନ ଚାଳିଶା ପଢ଼ିଥିବେ ବା ଦେଖିଥିବେ। ହେଲେ ଏବେ କାଠ ପଟାରେ ଅକ୍ଷର ଖଞ୍ଜାଯାଇ ଲେଖାଯାଇଛି ହନୁମାନ ଚାଳିଶା ଓ ତାକୁ ଦିଆଯାଇଛି ପୁସ୍ତକର ରୂପ। ଏପରି କାର୍ଯ୍ୟ କରିବାରେ ସକ୍ଷମ ହୋଇଛନ୍ତି ଗଞ୍ଜାମର ଜଣେ କାରିଗର। ତାଙ୍କ ନାଁ ଅରୁଣ ସାହୁ। ବାପାଙ୍କଠାରୁ କାଠ କାମ ଶିଖି ଆଜି କାଠରେ ତିଆରି କରିଛନ୍ତି ହନୁମାନ ଚାଳିଶା ପୁସ୍ତକ। ହନୁମାନ ଚାଳିଶାକୁ ସେ ହିନ୍ଦୀରେ ଲେଖିଛନ୍ତି। ଏହି ଗ୍ରନ୍ଥକୁ ସେ ଅଯୋଧ୍ୟା ପଠାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ



ଆଦିତ୍ୟନାଥ ଓ ରାମ ମନ୍ଦିର ଟ୍ରଷ୍ଟକୁ ନିବେଦନ କରିଛନ୍ତି। ହିଞ୍ଜିଳିକାଟୁ କଣ୍ଠେଇକୋଳୀ ଗାଁର ଅରୁଣ ସାହୁଙ୍କ ବାପା ଜଣେ ବଢ଼ାଇ। ସେ ବିଭିନ୍ନ ଘର କରଣା ସାମଗ୍ରୀ ତିଆରି କରନ୍ତି। ବାପାଙ୍କ ପଦାଙ୍କ ଅନୁସରଣ କରି ଏହି ପେସାକୁ ଆପଣାଇଥିଲେ ଅରୁଣ। ଟୁକୁରା ମୁକୁରା କାଠରେ ତିଆରି କରୁଥିଲେ ଖେଳଣା। ଉତ୍ସାହର ସହିତ ନିଜର କାମ କରୁଥିବା ବେଳେ ମହାମାରୀ କରୋନାରେ ପ୍ରଭାବିତ ହେଲା ସମଗ୍ର ବିଶ୍ୱ। ଆଉ ତାହାରି ଭିତରେ ଛନ୍ଦି ହୋଇପଡିଲେ ଅରୁଣଙ୍କ ଜୀବନ ଓ ଜୀବୀକା।

## ଆଜିଠୁ ଶ୍ରୀମନ୍ଦିର 'ପରିକ୍ରମା' ଯଜ୍ଞ ଆରମ୍ଭ

ଭୁବନେଶ୍ୱର,୧୫।୧(ପି.ଏନ): ଆଉ ଦୁଇ ଦିନ ପରେ ଅର୍ଥାତ ୧୭ ତାରିଖ ଦିନ ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏହାକୁ ନେଇ ଚଳଚଞ୍ଚଳରେ ହୋଇ ଉଠିଛି ଶ୍ରୀକ୍ଷେତ୍ରଧାମ। ଯଜ୍ଞ ମଣ୍ଡପ ସହ ମନ୍ତ୍ର ?।ପୋଚ୍ଚାରଣରେ ଶ୍ରୀକ୍ଷେତ୍ର କମ୍ପୁଛି। ଚାରିଆଡେ କେବଳ "ଜୟ ଜଗନ୍ନାଥ" ଧ୍ୱନି ଗୁଞ୍ଜରିତ ହେଉଛି। ତେବେ ଆଜି ହେଉଛି ପବିତ୍ର ମକର ସଂକ୍ରାନ୍ତି ଅର୍ଥାତ୍ ? ପୌଷ ଶୁକ୍ଳ ପଞ୍ଚମୀ ତିଥି। ଏହି ଦିନରୁ ହିଁ ଲୋକାର୍ପଣ ପାଇଁ ଆରମ୍ଭ ହେବ ତ୍ରିଦିନାତ୍ମକ ଯଜ୍ଞ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଯଜ୍ଞ ପ୍ରକ୍ରିୟାର ତୃତୀୟ ଦିବସରେ ରବିବାର ଅଙ୍କୁରପୂଜନ ସମାପ୍ତ ହେବା ପରେ ଯଜ୍ଞ ମଣ୍ଡପରେ ସମସ୍ତ ମଣ୍ଡଳ ସ୍ଥାପନ ଶେଷ ହୋଇଛି ।ସୂଚନା ଅନୁଯାୟୀ, ନିକଟସ୍ଥ ମଠ କୂଅରୁ ଜଳ ଆଣି ଅଧିବାସ କାର୍ଯ୍ୟ ସରିଛି। ଆଜି ସକାଳ ସାଢେ ୭ଟାରୁ ଅପରାହ୍ନ ୧ଟା ମଧ୍ୟରେ ଅଖଣ୍ଡ ଦୀପ ସ୍ଥାପନ ହେବ। ଏହା ସହ ପଞ୍ଚକର୍ମ, ଆଚାର୍ଯ୍ୟଙ୍କ ଦ୍ୱାରା ବ୍ରାହ୍ମଣ ବରଣ, ମଣ୍ଡଳପୂଜନ ମଧ୍ୟ ହେବ। ଅନ୍ୟପଟେ ସକାଳ ସାଢେ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ, ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଙ୍କୀର୍ତ୍ତନ କରାଯିବ। ଅପରାହ୍ନ ୩ଟାରେ ଶ୍ରୀମନ୍ଦିର ରୋଷଶାଳାରୁ ଅଗ୍ନି



ଆସି ଯଜ୍ଞ ଆରମ୍ଭ ହେବ। ସେହିପରି ସନ୍ଧ୍ୟା ୬ଟା ମଧ୍ୟରେ ବୈଷ୍ଣବାଗ୍ନି ସଂସ୍କାର, ହବନ, ଆରତି, ପୁଷ୍ପାଞ୍ଜଳି ଓ ପ୍ରଦିକ୍ଷଣ କରାଯିବ। ମହାପ୍ରଭୁଙ୍କ ସ୍ମରଣ କରି ଏହି ଯଜ୍ଞ ଆରମ୍ଭ ହେବ। ଯଜ୍ଞ ମଣ୍ଡପ ପରି ଶ୍ରୀମନ୍ଦିର ଚାରି ଦ୍ୱାରରେ ବେଦ ପାଠ ପାଇଁ ସ୍ୱତନ୍ତ୍ର ଭାବେ ମଣ୍ଡପ ପ୍ରସ୍ତୁତ କରାଯାଇଛି। ପ୍ରତି ଦ୍ୱାରରେ ୧୫ ଜଣ ଲେଖାଏଁ ୬୦ ଜଣ ବେଦଜ୍ଞ ପଣ୍ଡିତ ବେଦ ପାଠ କରିବେ। ପୂର୍ବ ବା ସିଂହଦ୍ୱାରରେ ଋକ୍, ବେଦ, ପଶ୍ଚିମ ଦ୍ୱାରରେ ସାମ୍ ? ବେଦ, ଉତ୍ତର ଦ୍ୱାରରେ ଅଥର୍ବ ବେଦ, ଦକ୍ଷିଣ ଦ୍ୱାରରେ ଯଜୁର୍ବେଦ ପାଠ କରାଯିବ ।ସୂଚନା ଥାଉକି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଐତିହ୍ୟ ପ୍ରକଳ୍ପର ଲୋକାର୍ପଣ କରିବେ। ରବିବାର ଲୋକାର୍ପଣ ପାଇଁ ଥିବା ପଥରକୁ ଖୋଦେଇ କରାଯାଇ ଅଷ୍ଟଧାତୁ ଲେଖା ଫଳକ ଲଗାଯାଇଛି। ଏହି ଫଳକରେ 'ଶ୍ରୀ ଶ୍ରୀ ଜଗନ୍ନାଥାୟ ନମଃ' । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶୁଭ ପ୍ରତିଷ୍ଠା ଓ ଲୋକାର୍ପଣ, ପୌଷ ଶୁକ୍ଳ ସପ୍ତମୀ, ୧୭ ତାରିଖ ବୁଧବାର' ଲେଖାଯାଇଛି । ଶିଳାନ୍ୟାସ ଫଳକର ଦକ୍ଷିଣ ପାର୍ଶ୍ୱରେ ରହିଛି ଏହି ଲୋକାର୍ପଣ ପଥର ଫଳକ। ସେପଟେ ବଡ଼ଦାଣ୍ଡରୁ ବେଳାଭୂମି ପୁଣି ସିଂହଦ୍ୱାରରୁ ଶରଧାବାଲିକୁ ସୁସଜ୍ଜିତ କରାଯାଇଛି । ବଡ଼ଦାଣ୍ଡରେ ଏକରଙ୍ଗୀ କୋଠା, ଆଖି ଝଲସାଇବା ଦେବାଭଳି ଆଲୋକୀକରଣ, ରାସ୍ତାଘାଟ, କାନ୍ଥ ଓ ପ୍ରାଚୀରେ ରଙ୍ଗ ବେରଙ୍ଗର ଚିତ୍ର ସବୁ ଅଙ୍କାଯାଇଛି। ଅନ୍ୟପଟେ ପୁରୀ ଆସିବା ପାଇଁ ଶ୍ରଦ୍ଧାଳୁ ମାନେ ଆଜିଠାରୁ ପ୍ରସ୍ତୁତ ହେଲେଣି। ଭକ୍ତଙ୍କ ଯାତାୟାତ ସୁବିଧା ପାଇଁ କାଲିଠାରୁ 'ଜଗନ୍ନାଥ ଏକ୍ସପ୍ରେସ' ବସ୍ ଚଳାଚଳ କରିବ। ସବୁ ଜିଲ୍ଲା ମୁଖ୍ୟାଳୟରୁ ପୁରୀକୁ ଗଡ଼ିବ ଏହି 'ଜଗନ୍ନାଥ ଏକ୍ସପ୍ରେସ' ବସ୍। ଏହା ଦ୍ୱାରା ଭକ୍ତର ଜଗା ଦର୍ଶନ ଇଚ୍ଛା ହେଲେ ସେ ସୁବିଧାରେ ଆସି ପୁରୀରେ ପହଞ୍ଚି ପାରିବେ ବୋଲି କୁହାଯାଇଛି।

## ଗାଁରେ ନାହାନ୍ତି ଦାଦନ, ତେବେ ବାହାର ରାଜ୍ୟରୁ ଦାଦନଙ୍କ ମୃତଦେହ ଆସୁଛି କିପରି

ସୋନପୁର,୧୫।୧(ପି.ଏନ): ଜିଲ୍ଲାରେ ଦାଦନ ଶ୍ରମିକ ସଂଖ୍ୟା ଶୂନ ବୋଲି କାଗଜ କଲମରେ ଦର୍ଶା ଯାଉଛି କ୍ଷ ହେଲେ ଦାଦନ ଶ୍ରମିକ ମୃତ୍ୟୁ ଖବର ପାଇବା ପରେ ମୃତ ଶ୍ରମିକଙ୍କ ଘରେ ପହଞ୍ଚିଛନ୍ତି ଜିଲ୍ଲା ଶ୍ରମ ଅଧିକାରୀ କ୍ଷ ଏପରି ଘଟଣା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅନ୍ତର୍ଗତ ଗରିଆମୁଣ୍ଡା ଗାଁରେ । ସୂଚନା ଅନୁସାରେ, ଗରିଆମୁଣ୍ଡା ଗାଁର ଶଙ୍କର ନାଏକଙ୍କ ୨୪ ବର୍ଷୀୟ ପୁଅ ଅଚ୍ଯୁତ ନାଏକ ଦୀର୍ଘ ତିନି ବର୍ଷ ହେବ ବେଙ୍ଗାଲୁରୁର ଏକ ମସିଣା କମ୍ପାନିରେ କାମ କରୁଥିଲେ । ମଝିରେ ମଝିରେ ଘରକୁ ଆସି ପୁଣି କାମ କରିବାକୁ ଯାଉଥିଲେ । ତେବେ ଦୁଇ ଦିନ ତଳେ ହଠାତ ସେଠାରେ ତାଙ୍କ ଦାହ ଖରାପ ହୋଇଥିଲା । ତାଙ୍କ ସାଙ୍ଗରେ ଥିବା ଅନ୍ୟ ଯୁବକ ମାନେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ନେଇଯାଇଥିଲେ । ମତ୍ରା ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ପରିବାର ଲୋକଙ୍କୁ ସାଥି ଯୁବକମାନେ ଖବର ଦେଇଥିଲେ । ହେଲେ ମୃତ୍ୟୁ ଖବର ପାଇ ପରିବାର ଲୋକ ଶବ ଆଣିବାକୁ ସାହାସ ପାଇ ନଥିଲେ । କାରଣ ଗରିବ ପରିବାରର ଏକ ମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ହୋଇଥିବା ବେଳେ ହାତରେ ଟଙ୍କା ପଇସା ନଥିବାରୁ ସେ ସରକାରୀ ସହାୟତା ଲୋଡିଥିଲେ ।ସ୍ଥାନୀୟ ସରପଞ୍ଚ ଓ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କୁ ଯୋଗାଯୋଗ କରି ଶବ ଆଣିବାକୁ ଅନୁରୋଧ କରିଥିଲେ । ବିଧାୟକ ଏବଂ ଓଡିଶା ମୋ ପରିବାରର ସହଯୋଗରେ ମୃତ ଦେହ ଗାଁରେ ପହଞ୍ଚିଥିବା ବେଳେ ଗାଁରେ ଶୋକାକୁଳ ପରିବେଶରେ ତାଙ୍କ ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଛି । ତେବେ ସରକାରୀ ହିସାବରେ ଦାଦନ ଶୁନ୍ୟ ଜିଲ୍ଲାରୁ କିଭଳି ଦାଦନ ଯାଇ ମୃତ୍ୟୁ ବରଣ କରୁଛନ୍ତି ତାହା ଏବେ ପ୍ରଶ୍ନବାଚି ସୃଷ୍ଟି କରୁଛି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୈସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଦ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅଭୁଲା ସ୍ମୃତି

ସାଂସ୍କୃତିକ ପୃଷ୍ଠଭୂମିରେ ମନ୍ଦିରମାଳିନୀ ଆମର ଏହି ପବିତ୍ର ଉତ୍କଳ ବିଭବ ବିମଣ୍ଡିତ। ଏହି ପ୍ରାଣ ପ୍ରାଚୁର୍ଯ୍ୟଭରା ଆମ ପବିତ୍ର ଉତ୍କଳ ବା ଓଡିଶାର ଶୋଭା ପସରା ଅତୀବ ମନୋରମ। ପାହାଡ ପର୍ବତ ଘେରା ଘଂଚ ବନରାଜିର ଅଫୁରନ୍ତ ଶୋଭା ପ୍ରତିଟି ଉତ୍କଳୀୟ ପ୍ରାଣରେ ନବ ପୁଲକ ସଂଚାର କରିଥାଏ। କଳାସଂସ୍କୃତିରେ ମହିମାମୟ ଋଦ୍ଧିମନ୍ତ ଉତ୍କଳର ଶୋଭାରାଜି କବି ହୃଦୟକୁ ଆହ୍ଲାଦ କରିବା ସହ ସେ ହୃଦୟରୁ ନିହ୍ଲାଦିତ କରିଥାଏ। "ବନ୍ଦେ ଉତ୍କଳ ଜନନୀ ଚାରୁ ହାସମୟୀ, ଚାରୁ ହାସମୟୀ ଜନନୀ, ଜନନୀ, ଜନନୀ"। ଯେଉଁ ଉତ୍କଳରେ ଜଗତର ନାଥ କାଳିଆ ସାଆନ୍ତ କୋଟି ଓଡିଆର ମଉଡମଣୀ ବିରାଜମାନ କରିଛନ୍ତି, ଏହି ପବିତ୍ର ଓଡିଶା ମାଟିରେ, ଯେଉଁ ମାଟିରେ ଶାନ୍ତି, ମୈତ୍ରୀ ଓ ପ୍ରୀତିର ଶବ୍ଦ ତରଙ୍ଗ ପ୍ରତିଧ୍ୱନିତ ହୁଏ। ଉତ୍କୃଷ୍ଟ କଳାତ୍ମକ ଆମର ଏ ଦେଶର ଅଧିବାସୀଙ୍କୁ ଓଡିଆ ବା ଉତ୍କଳୀୟ କୁହାଯାଏ।

୧୯୩୬ ମସିହା ଏପ୍ରିଲ୍ ୧ ତାରିଖ ଓଡିଶା ଇତିହାସରେ ଏକ ସ୍ମରଣୀୟ ଦିବସ। ଭାରତ ମାନଚିତ୍ରରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶଭାବେ ସେହିଦିନ ସ୍ଥାନ ପାଇଲା। ସେଥିପାଇଁ ଏହି ଦିବସଟି ପ୍ରତ୍ୟେକ ଓଡିଆଙ୍କ ପାଇଁ ଏକ ଅବିସ୍ମରଣୀୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଦିନ। ଏହି ଦିବସରେ ଆବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ଏହି ପବିତ୍ର ଦିବସଟିକୁ ଅତି ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିଥାନ୍ତି। ଏବଂ ଗୌରବମୟ ଅତୀତର ସ୍ମୃତି ଚାରଣ କରିଥାନ୍ତି। ଏହି ଦିନରେ ଆମ ଉତ୍କଳ ଜନନୀ ବହୁ ଘାତ ପ୍ରତିଘାତ ସତ୍ତ୍ୱେ ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ପରିଣତ ହୋଇଥିଲା। ଫଳସ୍ୱରୂପ ଶତାବ୍ଦୀ ଶତାବ୍ଦୀ ଧରି ସ୍ୱୀୟ, ଉଚ୍ଚ ପରମ୍ପରା, ସଂସ୍କୃତି ଓ ମୂଲ୍ୟବୋଧର ସ୍ୱାତନ୍ତ୍ୟ ବ୍ୟାସ ରଖିଆସିଥିବା ଓଡିଆ ଭାଷା ଲୋକମାନଙ୍କର ସ୍ୱାତନ୍ତ୍ୟ ପ୍ରଦେଶ ଗଠନର ଆଶା, ଆକାଂକ୍ଷା ଓ ସ୍ୱପ୍ନ ବାସ୍ତବରେ ରୂପାୟିତ ହୋଇଥିଲା। ଏହାର ଐତିହାସିକ ପୃଷ୍ଠଭୂମିକୁ ଅବଲୋକନ କଲେ ଜଣାପଡେ ଓଡିଶାର ଶେଷ ହିନ୍ଦୁ ରାଜା ମୁକୁନ୍ଦଦେବଙ୍କ ୧୫୬୮ ଖ୍ରୀଷ୍ଟାବ୍ଦରେ ମୃତ୍ୟୁପରେ ଉତ୍କଳର ଭାଗ୍ୟାକାଶରେ ଘୋର ଦୁର୍ଦ୍ଦିନ ଘୋଟିଆସେ। ଆଫଗାନ୍, ମୋଗଲ ଓ ମରହଟ୍ଟାମାନେ ଓଡିଶା ଆକ୍ରମଣ କରି ଏହାର ଐକ୍ୟ, ସଂସ୍କୃତି, ଐତିହ୍ୟ ଓ ସ୍ୱାତନ୍ତ୍ୟକୁ ଲୋପ କରିବାକୁ ପ୍ରଚେଷ୍ଟା କରନ୍ତି। ୧୭୬୫ରେ ଲର୍ଡ କ୍ଲାଇବ୍ ବଙ୍ଗ, ବିହାର ସହିତ ଓଡିଶାର ଦେୱାନୀ ଗ୍ରହଣ କରନ୍ତି। ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡିଶା ଇଂରେଜମାନଙ୍କର ଶାସନାଧିନ ହୁଏ। ଏହିପରି କାଳର କ୍ରୁର ପରିହାସରେ ବିଜୟ ବିମଣ୍ଡିତ ଇତିହାସ ପ୍ରସିଦ୍ଧ ଚାରୁହାସ୍ୟମୟୀ, ଚାରୁଭାଷମୟୀ, ଉତ୍କଳ ଜନନୀ ଶ୍ରୀ ହୀନା, ଛିନ୍ନମସ୍ତା, ଶୀର୍ଣ୍ଣ, କଳେବର ହୋଇଯାଏ। ୧୮୫୭ରେ ଅନୁଷ୍ଠିତ ଐତିହାସିକ ସିପାହୀ ବିଦ୍ରୋହ ଭାରତୀୟ ସ୍ୱାଧିନତା ସଂଗ୍ରାମ ପାଇଁ ଥିଲା ପ୍ରଥମ ସ୍ୱର ଉତୋଳନ। ମାତ୍ର ଏହା ବହୁ ପୂର୍ବରୁ ଅର୍ଥାତ୍ ୧୮୧୭ ଖ୍ରୀଷ୍ଟାବ୍ଦରେ ଓଡିଶାର ବରପୁତ୍ର ଦୁର୍ଦ୍ଧର୍ଷ ପାଇକ ଯୋଦ୍ଧା ବକ୍ସି ଜଗବନ୍ଧୁ ଇଂରେଜ ସରକାର ବିରୁଦ୍ଧରେ ରଣ ହୁଙ୍କାର ଦେଇଥିଲେ।

ଏହା ଓଡିଶାରେ ଇଂରେଜ ସ୍ଥିତିକୁ ଅଳ୍ପକାଳ ପାଇଁ ଦୋହଲାଇ ଦେଇଥିଲା। ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ହୁଏ। ଏହା ବହୁ ପୂର୍ବରୁ ସମ୍ବଲପୁରର ବୀର ସୁରେନ୍ଦ୍ରସାଏ ଇଂରେଜ ସରକାର ବିରୁଦ୍ଧରେ ୧୮୨୬ ମସିହାରେ ସ୍ୱର ଉତୋଳନ କରନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଇଂରେଜ ସରକାର ବିରୋଧରେ ଓଡିଶାରେ ହିଁ ପ୍ରଥମେ ଜନ ଜାଗରଣ ହୋଇଥିଲା।

ଦିନ ଥିଲା, ପ୍ରାଚୀନ ଓଡିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଓଡିଶାର ବଣିକ ବୃନ୍ଦ ଜାଭା, ସୁମାତ୍ରା, ବର୍ଲି, ସିଂହଳ ଓ ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପମାନଙ୍କୁ ଯାତ୍ରାକରି ଏ ରାଜ୍ୟକୁ ସମୃଦ୍ଧିଶାଳୀ କରିଥିଲେ। ବୀର ଓ ଦୁର୍ଦ୍ଧର୍ଷ ଜାତି ରୂପେ ଓଡିଆମାନେ ସମଗ୍ର ଦେଶରେ ସୁନାମ ଅର୍ଜ୍ଜନ କରିଥିଲେ। ଓଡିଶାର କଳା, ସଂସ୍କୃତି, ଏ୍ୟତିହ୍ୟ, ଭାସ୍କର୍ଯ୍ୟ ଏବଂ ସାହିତ୍ୟ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା। ମାତ୍ର କାଳର ରଥଚକ୍ର ତଳେ ସେହି ଗୌରବମୟ ଐତିହ୍ୟ ପେଷି ହୋଇଗଲା। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଚେଦି ବଂଶର ସମ୍ରାଟ ଖାରବେଳ କଳିଙ୍ଗର ଶାସନଭାର ଗ୍ରହଣ କଲେ। ସେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ଜୟ କରି ହୃତ ଗୌରବକୁ ଫେରାଇ ଆଣିଥିଲେ। ଖାରବେଳଙ୍କ ପରେ ଶୈଳୋଦ୍ଭବ ଏବଂ ତତ୍ପରେ ଭୌମବଂଶୀୟ ରାଜାଗଣ ଓଡିଶାରେ ରାଜତ୍ୱ କରିଥିଲେ। ୩୪୨ ଖ୍ରୀଷ୍ଟାବ୍ଦରେ ସମୁଦ୍ରଗୁପ୍ତ ଏବଂ ୬୧୦ ଖ୍ରୀଷ୍ଟାବ୍ଦରେ ଗୌଡ ଦେଶର ରାଜା ଶଶାଙ୍କ ଓଡିଶାରେ ସାମ୍ରାଜ୍ୟ ବିସ୍ତାର କରିଥିଲେ। ନବମ ଶତାବ୍ଦୀ ବେଳକୁ ଓଡିଶା ସୋମବଂଶୀୟ ରାଜାମାନଙ୍କ ଶାସନାଧିନ ଥିଲା। ତତ୍ପରେ କେଶରୀ ବଂଶର ରାଜାମାନେ ଶାସନଭାର ଗ୍ରହଣ କଲେ। ସେମାନଙ୍କ ଅମଳରେ ଓଡିଶାରେ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। କେଶରୀ ବଂଶ ପରେ ଓଡିଶାରେ ଗଙ୍ଗବଂଶୀୟ ରାଜାମାନେ ରାଜତ୍ୱ କଲେ। ଏହି ବଂଶର ଚୋଳଗଙ୍ଗ ଦେବ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ। ଲାଙ୍ଗୁଡା ନରସିଂହଦେବ ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ। ଗଙ୍ଗବଂଶ ପରେ ଓଡିଶାରେ ସୂର୍ଯ୍ୟବଂଶର ରାଜାମାନେ ରାଜତ୍ୱ ଚଳାଇଲେ। କପିଳେନ୍ଦ୍ର ଦେବ, ପୁରୁଷୋତମ ଦେବ ଏବଂ ପ୍ରତାପରୁଦ୍ର ଦେବ ଏହି ବଂଶର ପରାକ୍ରମଶାଳୀ ନୃପତି ଥିଲେ। ସେମାନେ ବହୁ ରାଜ୍ୟ ଜୟ କରି ଓଡିଶାର ଉନ୍ନତି ବିଧାନ କରିଥିଲେ। ସୂର୍ଯ୍ୟବଂଶ ପରେ ଓଡିଶାରେ ଭୋଇବଂଶର ରାଜାମାନେ ରାଜୁତି କଲେ। ୧୫୬୮ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବ ଶାସନଭାର ଗ୍ରହଣ କଲେ। ସେ ଓଡିଶାରେ ଶେଷ ସ୍ୱାଧିନ ହିନ୍ଦୁ ରାଜା। ୧୫୬୮ ଖ୍ରୀଷ୍ଟାବ୍ଦରେ ଆଫଗାନମାନେ ଓଡିଶାରେ ରାଜତ୍ୱ କରି ଓଡିଶାର ଗୌରବକୁ ଧ୍ୱଂସ କଲେ। ୧୬୫୨ ଖ୍ରୀଷ୍ଟାବ୍ଦରେ ଏହା ମୋଗଲ ସାମ୍ରାଜ୍ୟଭୁକ୍ତ ହେଲା। ଏହାପରେ ମରହଟ୍ଟାମାନେ ଓଡିଶା ଆକ୍ରମଣ କରି ଓଡିଶାର ଗୌରବ, ଐତିହ୍ୟକୁ ଧୂଳିସାତ୍ କଲେ। ପରିଶେଷରେ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡିଶା ଇଂରେଜ ଶାସନାଧିନ ହେଲା। ଇଂରେଜମାନଙ୍କ ରାଜତ୍ୱ କାଳରେ ଓଡିଶାର ସାମାଜିକ, ଆର୍ଥନୀତିକ, ରାଜନୀତିକ ଓ ସାଂସ୍କୃତିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଲା। ସର୍ବଶେଷରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣୀ ଗୋପବନ୍ଧୁ, ପାରଳା ମହାରାଜ କୃଷ୍ଣଚନ୍ଦ୍ର, ମୟୁରଭଞ୍ଜର ରାଜା ଶ୍ରୀ ରାମଚନ୍ଦ୍ର ପ୍ରଭୃତି ବରପୁତ୍ରମାନଙ୍କ ପ୍ରଚେଷ୍ଟାରେ ୧୯୩୬ ମସିହା ଏପ୍ରିଲ୍ ପହିଲା ତାରିଖରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା।

**ସ୍ୱତନ୍ତ୍ର ଓଡିଶା ଗଠନରେ ମନୀଷୀଗଣ:-** ଉତ୍କଳ ଏକତ୍ରୀକରଣରେ ଯେଉଁ ଯୋଗଜନ୍ମା ମନୀଷୀଗଣ ଆପ୍ରାଣ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳଗୌରବ ମଧୁସୂଦନ ଦାସ ଅଗ୍ରଗଣ୍ୟ। ୧୮୪୮ ମସିହା ଏପ୍ରିଲ୍ ୨୮ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ୧୮୬୬ ଖ୍ରୀଷ୍ଟାବ୍ଦରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ସେ କଲିକତା ଯାଇ ୧୮୭୦ରେ ବି.ଏ ଏବଂ ଏମ୍.ଏ ପାସ୍ କଲେ। ମାତୃଭୂମିର ସେବାରେ ପ୍ରାଣୋତ୍ସର୍ଗ କରିବା ପାଇଁ ସେ ୧୮୮୧ ମସିହାରେ ଓଡିଶାକୁ ପ୍ରତ୍ୟାବର୍ତନ କଲେ। ସେତେବେଳକୁ ସେ ଓକିଲାତି ପାସ୍ କରିଥିଲେ।

ସେତେବେଳକୁ ଓଡିଶାରେ ଘୋର ଦୁର୍ଦ୍ଦିନ ଦେଖାଦେଇଥିଲା। ଏପରି ଏକ ମୁହୂର୍ତରେ ଏସବୁ ଆବିର୍ଭୁତ ହୋଇ ଏ ଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଲେ। ତାଙ୍କର ବଳିଷ୍ଠ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଠିତ ହେଲା। ସମ୍ମିଳନୀ ମଣ୍ଡପରେ ସେ ଦଣ୍ଡାୟମାନ ହୋଇ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ:- ***"ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ/କୋଟି ପ୍ରାଣବିନ୍ଦୁ ଧରେ/ତୋ'ର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ/ଡେଇଁପଡି ସିନ୍ଧୁ ନୀରେ॥"***

ମଧୁବାବୁଙ୍କ ଆପ୍ରାଣ ଚେଷ୍ଟାରେ ସମ୍ବଲପୁର ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହୋଇ ଓଡିଶାରେ ମିଶିଲା। ୧୯୧୩ରୁ ୧୯୨୩ ମସିହା ପର୍ଯ୍ୟନ୍ତ ମଧୁବାବୁ ବିହାର-ଓଡିଶା ପ୍ରଦେଶର କାଉନ୍‌ସିଲର ସଭ୍ୟ ହୋଇ ମନ୍ତ୍ରୀପଦରେ ଅଧିଷ୍ଠିତ ହୋଇଥିଲେ। ସେ ୧୯୧୭ରେ ଭାରତର ସଚିବ ମଂଟେଗୁ ଓ ଚେମସ୍‌ଫୋର୍ଡଙ୍କ ସହିତ ସାକ୍ଷାତ କରି ଓଡିଶା ପ୍ରଦେଶ ଗଠନ ପାଇଁ ଦାବୀ ଉପସ୍ଥାପନ କଲେ। ୧୯୨୭ ସାଲରେ ସାଇମନ କମିଶନ ଉତ୍କଳୀୟମାନଙ୍କ ଦାବୀ ଯଥାର୍ଥ ବୋଲି ହୃଦୟଙ୍ଗମ କଲେ। ୧୯୩୧ ସାଲରେ ଓଡନେଇ କମିଟି ମାଧ୍ୟମରେ ସରକାର ଓଡିଶାର ନ୍ୟାଯ୍ୟ ଦାବୀ ସମ୍ପର୍କରେ ଅନୁସନ୍ଧାନ କଲେ। ୧୯୩୬ ଏପ୍ରିଲ୍ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟର ସମ୍ମାନ ହାସଲ କଲା। କିନ୍ତୁ ତା' ପୂର୍ବରୁ ଏଇ ବରପୁତ୍ର ୧୯୩୪ରେ ଇହଲୀଳା ସମ୍ବରଣ କରିଥିଲେ।

ଉତ୍କଳୀୟ ଏକତ୍ରୀକରଣରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ୧୮୭୭ ମସିହାରେ ସେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ଦେଶ, ଜାତି ଓ ସମାଜ କଥା ସେ ନିରନ୍ତର ଭାବୁଥିଲେ। ମରୁଡି ଓ ବନ୍ୟାବେଳେ ସେ ବୁଭୁକ୍ଷୁ ଲୋକଙ୍କ ମଧ୍ୟରେ ଚୂଡା ଚାଉଳ ବାଂଟୁଥିଲେ। ସଂକୀର୍ଣ୍ଣତା ଓ ସ୍ୱାର୍ଥପରତାରୁ ସେ ସର୍ବଦା ଉର୍ଦ୍ଧ୍ୱରେ ଥାଇ ସେବାରେ ବ୍ରତୀ ଥିଲେ। ବିଚ୍ଛିନ୍ନାଂଚଳରେ ସଙ୍ଗଠନ କରି ଓଡିଆ ଭାଷାଭାଷୀମାନଙ୍କୁ ଏକତ୍ରୀକରଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେ ଓଡିଶାରେ ମହାତ୍ମା ଗାନ୍ଧିଙ୍କ ବାର୍ତା ପ୍ରଚାର କରିବା ସଙ୍ଗେ ସଙ୍ଗେ ମଧୁବାବୁଙ୍କ କାର୍ଯ୍ୟରେ ସହାୟତା କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ ଆଉ ଜଣେ ମହାରଥି ହେଉଛନ୍ତି ପାରଳାର ଗଜପତି କୃଷ୍ଣଚନ୍ଦ୍ର ଦେବ। ୧୯୩୦ ମସିହାରେ ଲଣ୍ଡନଠାରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ଓଡିଶାର ପ୍ରତିନିଧିତ୍ୱ କରିବା ଉଦ୍ଦେଶ୍ୟରେ ବିହାର ଓଡିଶା ସରକାର ତାଙ୍କ ନାମ ସୁପାରିଶ କଲେ। କିନ୍ତୁ କୃଷ୍ଣଚନ୍ଦ୍ର ଲଣ୍ଡନରେ ପହଚିଂବା ପୂର୍ବରୁ ଗୋଲଟେବୁଲ ବୈଠକରେ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇସାରିଥିଲା। ସୁତରାଂ ସେ ଓଡିଶାର ଦାବି ଉପସ୍ଥାପିତ କରିପାରିଲେ ନାହିଁ। ୧୯୩୧ ମସିହା ସାର୍ ଉଇଲିୟମ୍ ଡୋଓ୍ୱେଟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେଲା। ସିନ୍ଧୁପ୍ରଦେଶ ଗଠନ ସମ୍ପର୍କରେ ସବ୍‌କମିଟି ରିପୋର୍ଟ ବିଚାର ହେବାର କାର୍ଯ୍ୟକ୍ରମ ଥିଲା। ଉକ୍ତ ବୈଠକରେ ଓଡିଆମାନଙ୍କର ନ୍ୟାଯ୍ୟ ଦାବି ଉପସ୍ଥାପିତ କରିବା ପାଇଁ ସେ ବିଲାତ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ। ତାଙ୍କର ଅନୁମତି କ୍ରମେ କୃଷ୍ଣଚନ୍ଦ୍ର ଓଡିଆମାନଙ୍କର ଦୂରବସ୍ଥା ଏବଂ ସ୍ୱତନ୍ତ୍ର ପ୍ରଦେଶ ଗଠନର ଗୁରୁତ୍ୱ ସମ୍ପର୍କରେ ବ୍ରିଟିଶ କର୍ତୃପକ୍ଷଙ୍କୁ ପ୍ରଭାବିତ କରିବାରେ ସମର୍ଥ ହୋଇଥିଲେ। ତାଙ୍କର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାବି ପ୍ରଥମ ଗୋଲଟେବୁଲ ବୈଠକରେ ସମସ୍ତ ପ୍ରତିନିଧିଙ୍କର ଦୃଷ୍ଟି ଆକର୍ଷଣ କରିଥିଲା।

ଗୋଲଟେବୁଲ ବୈଠକରେ ଅନ୍ୟତମ ସଦସ୍ୟ ତଥା ରାଷ୍ଟ୍ରସଚିବ ସାମୁଏଲ୍ ହୋରଙ୍କ ସହିତ କୃଷ୍ଣଚନ୍ଦ୍ରଙ୍କର ବ୍ୟକ୍ତିଗତ ସମ୍ପର୍କ ଥିଲା। ଲଣ୍ଡନରେ ତୃତୀୟ ଗୋଲଟେବୁଲ ବୈଠକ ବସିଥିବାବେଳେ ସାମୁଏଲ୍ ସାହେବ ଓଡିଶା ତରଫରୁ ଆୟୋଜିତ ଭୋଜିସଭାରେ ୧୯୩୪ରେ ଯୋଗଦାନ କରିଥିଲେ। ଏହି ସଭାରେ ସେ କୃଷ୍ଣଚନ୍ଦ୍ରଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଉତ୍କଳମାତାର ସେଇ ଦୁଇ ବରପୁତ୍ର ଉତ୍କଳ ସମ୍ମିଳନୀ ଆରମ୍ଭ ହେବା ଦିନଠାରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେବା ପର୍ଯ୍ୟନ୍ତ ନିଜକୁ ବିଜଡିତ କରିଥିଲେ। ସେତେବେଳେ ମାଡ୍ରାସ ପ୍ରେସିଡେନ୍ସି ଅଧିନରେ ଗଞ୍ଜାମ ଅନ୍ତର୍ଭୁକ୍ତ ଥିଲା। ହରିହରଙ୍କ ନେତୃତ୍ୱରେ ଗଞ୍ଜାମବାସୀ ସକ୍ରିୟ ହୋଇଉଠିଲେ। ଏହାପରେ ସେ ମଧୁସୂଦନ, ରାଧାନାଥ ଓ ଫକୀରମୋହନଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କର ଜାତୀୟତାର ଆଭାସ ପାଇ କବି ନୀଳମଣି ବିଦ୍ୟାରତ୍ନ ରମ୍ଭା ଆସିଲେ। ତାଙ୍କର ପ୍ରେରଣାରେ ପ୍ରୋତ୍ସାହିତ ହୋଇ ହରିହର ରମ୍ଭାରେ ଏକ ପ୍ରେସ୍ ସ୍ଥାପନ କରି "ପ୍ରଜାବନ୍ଧୁ", "ମଧୁପ" ଓ "ସଂସ୍କାରକ" ନାମକ ପତ୍ରିକା ପ୍ରକାଶ କରି ଓଡିଆମାନଙ୍କର ନ୍ୟାର୍ଯ୍ୟ ଦାବି, ଦୁଃଖଦୁର୍ଦ୍ଦଶା ଉପସ୍ଥାପନା କଲେ। ତାଙ୍କ ନେତୃତ୍ୱରେ ରମ୍ଭାରେ ଏକ ସଭା ଆହୂତ ହେଲା। ଏହା ପରବର୍ତୀ କାଳରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା। ବିଭିନ୍ନ ସଭାସମିତିର ସୁପରିଚାଳନା ପାଇଁ ସେ ଆର୍ଥିକ ସାହାଯ୍ୟ ଦେଉଥିଲେ।

୧୯୦୮ ମସିହାରେ କଟକ ଠାରେ ଉତ୍କଳ ସମ୍ମିଳନୀର ଷଷ୍ଠ ଅଧିବେଶନ ଅନୁଷ୍ଠିତ ହେଲା। ଏଥିରେ ହରିହର ଯୋଗଦାନ କରି ଏହାକୁ ତୀବ୍ରତର କରିବା ପାଇଁ ପ୍ରସ୍ତାବମାନ ଦେଲେ। ଦକ୍ଷିଣ ଓଡିଶାର ଓଡିଆ ଆନ୍ଦୋଳନର କର୍ଣ୍ଣଧାର ରୂପେ ହରିହର ଯେଉଁ ଭୂମିକା ଗ୍ରହଣ କରିଥିଲେ, ତାହା ଓଡିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ତା'ପରେ ୧୯୨୧ରୁ ତାଙ୍କର ସୁଯୋଗ୍ୟ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ ପିତାଙ୍କ ପଥ ଅନୁସରଣ କରିଥିଲେ। ଦେଶ ମିଶ୍ରଣର ଶେଷ ନିଷ୍ପତି ପାଇଁ ଗଭର୍ଣ୍ଣର ଜେନେରାଲ ଫିଲିଫ୍ ସାହେବ ଓ ଡଫ୍ ସାହେବଙ୍କୁ ନିଯୁକ୍ତ କଲେ। ଫିଲିଫ୍-ଡଫ୍ କମିଶନ ଗଞ୍ଜାମ ପରିଦର୍ଶନକୁ ଯେତେବେଳେ ଆସିଲେ, ସେତେବେଳେ ରାମଚନ୍ଦ୍ର ଉତ୍କଳ ସମ୍ମିଳନୀର ଇତିହାସ ଓ ତାଙ୍କ ପିତାଙ୍କ ଦେଶ ମିଶ୍ରଣ ପାଇଁ ଉଦ୍ୟମ ଶୁଣାଇ ଏକ ଲିଖିତ ଦାବି ଉପସ୍ଥାପନ କଲେ। କମିଶନ ଓଡିଆମାନଙ୍କର ଦାବି ଯଥାର୍ଥ ବୋଲି ହୃଦୟଙ୍ଗମ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କଲେ। ୧୯୨୭ରେ ରାମଚନ୍ଦ୍ର ମର୍ଦ୍ଦରାଜ ସାଇମନ କମିଶନଙ୍କୁ ଗଞ୍ଜାମ ତରଫରୁ ଏକ ସ୍ମାରକପତ୍ର ଦେଲେ। ୧୯୩୨ ସାଲରେ ଲଣ୍ଡନଠାରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ ବୈଠକରେ ସେ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ ବଳିଷ୍ଠ ଯୁକ୍ତି ବାଢିଲେ। ଓଡିଶା ଗଠନ ନିମିତ୍ତ ଜନ୍ ହବାଙ୍କ ନେତୃତ୍ୱରେ ଏକ କମିଟି ରମ୍ଭାରେ ପଂହଚି ରାମଚନ୍ଦ୍ରଙ୍କ ସହ ସାକ୍ଷାତ କଲେ। କମିଟି ରାମଚନ୍ଦ୍ରଙ୍କର ବହୁ ବଳିଷ୍ଠ ଯୁକ୍ତି ଗ୍ରହଣ କଲେ। ବାଲେଶ୍ୱର ରାଜା ବୈକୁଣ୍ଠନାଥ ଦେ ଆଉ ଜଣେ ମହାରଥି। ସେ ମର୍ମେ ମର୍ମେ ଅନୁଭବ କଲେ ଯେ ଜାତୀୟଚେତନାର ଅଭିବୃଦ୍ଧି ପାଇଁ ସମ୍ବାଦପତ୍ରର ଭୂମିକା ଆବଶ୍ୟକ। ତେଣୁ ସେ ୧୮୭୩ ମସିହାରେ ବାଲେଶ୍ୱରଠାରେ ଏକ ଛାପାଖାନା ନିର୍ମାଣ କରି 'ସମ୍ବାଦ ବାହିକା' ପ୍ରକାଶ କଲେ। ଓଡିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରି ବଙ୍ଗଳା ଭାଷା ବିରୋଧରେ ସ୍ୱର ଉତୋଳନ କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା। ଓଡିଆ ଭାଷାର ଉନ୍ନତି ନିମିତ୍ତ ସେ କେତୋଟି ବିଦ୍ୟାଳୟ ପ୍ରତିଷ୍ଠା କଲେ ଏବଂ ନିଜେ ଓଡିଆରେ କେତୋଟି ପାଠ୍ୟ ପୁସ୍ତକ ମଧ୍ୟ ରଚନା କଲେ। ସେ ଓଡିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ ପାଇଁ ବଦ୍ଧ ପରିକର ହେଲେ। ଜନମତ ସୃଷ୍ଟି କରିବା ପାଇଁ ସେ ୧୮୭୯ ମସିହାରେ ବାଲେଶ୍ୱରଠାରେ ଏକ ଜାତୀୟ ସଂସଦ ଗଠନ କରି ସଭାପତି ଆସନ ଅଳଙ୍କୃତ କରିଥିଲେ। ଓଡିଆ ଭାଷାଭାଷୀ ଅଂଚଳ ଏକତ୍ର କରିବା ପାଇଁ ସେ ଏହା ପୂର୍ବରୁ ବଙ୍ଗଳାର ତତ୍କାଳୀନ ଲେଫଟ୍‌ନାଂଟ ଗଭର୍ଣ୍ଣରଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ରାଜା ବୈକୁଣ୍ଠନାଥ ଦେ ଏବଂ ଅନ୍ୟମାନଙ୍କ ପ୍ରଚେଷ୍ଟା ଯୋଗୁଁ ୧୯୦୫ ମସିହାରେ ସମ୍ବଲପୁର ଓଡିଶାରେ ସାମିଲ ହେଲା।

ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାରେ ଚନ୍ଦ୍ରଶେଖର ବେହେରାଙ୍କ ଅବଦାନ ମଧ୍ୟ ଅତୁଳନୀୟ। ସେ ସଂସ୍କାରବାଦୀ, ଜନସେବକ ଓ ଜାତୀୟ କଂଗ୍ରେସର ପରମ ଭକ୍ତ ଥିଲେ। ସମ୍ବଲପୁରକୁ ଓଡିଶାରେ ଅନ୍ତର୍ଭୂକ୍ତ କରାଇବାରେ ସେ ମଧ୍ୟ ପ୍ରବଳ ଉଦ୍ୟମ କରିଥିଲେ। କର୍ମବୀର ଗୌରୀଶଙ୍କର ଓଡିଶାର ଆଉ ଜଣେ ସୁଯୋଗ୍ୟ ସନ୍ତାନ। ସେ ୧୮୬୮ ମସିହାରେ 'ଉତ୍କଳ ସଭା' ନାମରେ ଏକ ଅନୁଷ୍ଠାନ ଗଠନ କଲେ। ଓଡିଆ ଭାଷା ଓ ସାହିତ୍ୟର ବିକାଶ କରିବା ଏହି ଅନୁଷ୍ଠାନର ଲକ୍ଷ୍ୟ ଥିଲା। ତାଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା' ଆତ୍ମ ପ୍ରକାଶ ଲାଭ କରି ଓଡିଆ ଭାଷା ଓ ସାହିତ୍ୟର ଉନ୍ନତି ସାଧନ କଲା। ଏହି ପତ୍ରିକା ମାଧ୍ୟମରେ ସେ ଓଡିଆବାସୀଙ୍କର ଦୁଃଖଦୁର୍ଦ୍ଦଶାକୁ ଉପସ୍ଥାପନ କଲେ। ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଏବଂ ବିଚ୍ଛିନ୍ନାଂଚଳକୁ ଏକତ୍ରୀକରଣ କରିବାରେ ଆଉ କେତେଜଣ ଯୋଗଜନ୍ମା ମଧ୍ୟ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ରାମଚନ୍ଦ୍ର ଦେବ, ମୟୁରଭଞ୍ଜର ରାଜା ବିକ୍ରମ ଦେବ, ଫକୀରମୋହନ ସେନାପତି, ଲିଙ୍ଗରାଜ ପାଣିଗ୍ରାହୀ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର, ବ୍ରଜସୁନ୍ଦର ଦାସ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ, ଜଗବନ୍ଧୁ ସିଂହ, ରାଧାନାଥ ରାୟ ଓ ତାରିଣୀ ଚରଣ ରଥ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ। ପବିତ୍ର ଉତ୍କଳ ଦିବସରେ ଛାତ୍ରସମାଜ, ଯୁବଗୋଷ୍ଠୀ ଦେଶ ଓ ଜାତିର ଉନ୍ନତି କରିବା ପାଇଁ ସଙ୍କଳ୍ପ ନେବାଉଚିତ। ଉନ୍ନତିମୂଳକ କାର୍ଯ୍ୟ କେତୋଟି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମାବଦ୍ଧ ନ ରହି ସମଗ୍ର ଓଡିଶାର ତିରିଶଟି ଜିଲ୍ଲାରେ ବାଂଟିକରି ହେବା ବିଧେୟ। ଆଂଚଳିକ ମନୋଭାବ ପରିହାର କରି ସମଗ୍ର ରାଜ୍ୟର ଉନ୍ନତି ପରିକଳ୍ପନା କରିବା ଉଚିତ। ରାଜନୈତିକ ନେତାମାନଙ୍କ ମଧ୍ୟରେ କ୍ଷମତା କନ୍ଦଳ ଲାଗି ରହିଲେ ଆମ ରାଜ୍ୟର ଉନ୍ନତି ଅସମ୍ଭବ। ଆଜି ମଧ୍ୟ ଓଡିଶା ବାହାରେ ବହୁ ଓଡିଆ ଅବହେଳିତ ଓ ନିଷ୍ପେଷିତ। ଏପରିକି ସେମାନେ ଓଡିଆ ଭାଷାରେ ଶିକ୍ଷା ପାଇବାରୁ ବଂଚିତ ହେଉଛନ୍ତି। ବିଚ୍ଛିନ୍ନାଂଚଳରେ ଭାଷା, ସଂସ୍କୃତି ଆଜି ବିପନ୍ନ ହୋଇପଡିଛି। ଏ ଦିଗରେ ଚେତନା ସୃଷ୍ଟି ହେବା ବିଧେୟ। ଆଜିର ଏ ପବିତ୍ର ଉତ୍କଳ ଦିବସରେ ଏ ଦିଗରେ ସରକାର ତଥା ଜନସାଧାରଣଙ୍କ ଚେଷ୍ଟା ଅବ୍ୟାହତ ରହିବା ବିଧେୟ।

# କ୍ଷମା ମାନବ ଜୀବନର ଶିରୋମଣି

କ୍ଷମା ମାନବ ଜୀବନର ଶିରୋମଣି ସଦୃଶ। ଏହା ସବୁଗୁଣ ମଧ୍ୟରେ ଶ୍ରେଷ୍ଠ। କ୍ଷମା ଗୁଣ ପାଇଁ ଜାତି, ଧର୍ମ, ବର୍ଣ୍ଣ ଆଦିର କିଛି ଭେଦ ବିଚାର ନାହିଁ। ଏହାର ଉତ୍ପତ୍ତି ପ୍ରେମରୁ। ଯେଉଁ ବ୍ୟକ୍ତି କ୍ଷମାଶୀଳ ସେ ସଂସାରର ଯେକୌଣସି ବଡ଼ କାମ ସାଧନ କରିପାରିବ। ଚନ୍ଦନକାଠ ଯେପରି ଘସା ହେଲେ ମଧ୍ୟ ସୁଗନ୍ଧ ବିତରଣ କରେ, ଧୂପ କାଠି ଜଳି ଗଲାବେଳେ ଗନ୍ଧ ବିତରଣ କରେ ମଲ୍ଲୀଫୁଲ ଝଡ଼ି ଗଲାବେଳେ ମଧ୍ୟ ମହକ ଖେଳାଇ ଦିଏ, ସାଧୁ ଲୋକ ସେହିପରି ଦୁଃଖରେ କଷ୍ଟରେ ଜୀବନ ବିତାଉ ଥିଲାବେଳେ ମଧ୍ୟ ନିଜର ସାଧୁତା ଓ କ୍ଷମାଗୁଣ ପ୍ରଦର୍ଶନ କରିଥାଏ। ଫଳ ଖାଇବାକୁ ହେଲେ ଗଛକୁ ରକ୍ଷା କରିବାକୁ ହେବ। ଗଛର ଡାଳପତ୍ର ସହ ଫଳର ପ୍ରତ୍ୟକ୍ଷ ସମ୍ପର୍କ ନଥିଲେ ମଧ୍ୟ ଫଳ ନିମନ୍ତେ ଏହାକୁ ରକ୍ଷା କରିବାକୁ ହେବ। ସେହିପରି ଯେଉଁମାନେ ଜ୍ଞାନ ଫଳ ଚାହାନ୍ତି ସେମାନଙ୍କୁ ତପ, ଧ୍ୟାନ, ଭଜନର ଗଛକୁ ପରିପାଳନ କରିବାକୁ ହେବ। ଏହା କଲେ ଯାଇ ମଣିଷ ନିଜର ମଣିଷ ପଣିଆ ଉପଲବ୍ଧି କରିପାରିବ। ଭୌତିକ ହେଉ ବା ଆଧ୍ୟାତ୍ମିକ ହେଉ, ଯେକୌଣସି କର୍ମ କରିବାକୁ ହେଲେ ଦୃଢ଼ ପ୍ରଯତ୍ନ ଦରକାର। ପ୍ରଯତ୍ନ ବିନା କିଛି ହେଲେ ସଫଳ ହେବନାହିଁ। ସାଧନାରେ ପ୍ରଥମେ ହତାଶା ଆସିପାରେ, ବିଫଳତା ଆସିପାରେ, ମାତ୍ର ସାଧନା ପରିତ୍ୟାଗ କରନା। ସାଇକେଲ ଚଢ଼ା ଶିଖିଲାବେଳେ ପ୍ରଥମେ ପ୍ରଥମେ ତଳେ ପଡ଼ି ଆହତ ହେବାର ସମ୍ଭାବନା ଥାଏ। ମାତ୍ର କ୍ରମେ ସାଇକେଲ ଚଢ଼ା ଶିଖିଗଲେ ହାତ ଛାଡ଼ି ମଧ୍ୟ ସାଇକେଲ ଚଳାଇ ହୁଏ। ସାଧନା ଅଭ୍ୟାସ କଲେ ଯାଇ ଜ୍ଞାନର ଫଳ ମିଳିବ। ସେଥିପାଇଁ ପ୍ରଯତ୍ନ ଆରମ୍ଭ କରିବାକୁ ହେବ।

ଅଭ୍ୟାସ ବଳରେ ସଂସାରରେ ଅନେକ କାମ କରାଯାଇ ପାରିବ। ପ୍ରଯତ୍ନ କଲେ ପିମ୍ପୁଡ଼ି ମଧ୍ୟ ଅନେକ ବାଟ ଚାଲିପାରେ, ଉଦ୍ୟମ ନ କଲେ ଚିଲ ଫୁଟେ ବି ଉଡି ପାରିବ ନାହିଁ। ଏଣୁ ଫଳ କର୍ମ ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ। ସତକର୍ମ ନିମନ୍ତେ ସତସଙ୍ଗ ଦରକାର। ସତସଙ୍ଗର ପବିତ୍ରତା ଅନୁଭବ ଦ୍ୱାରା ବୁଝି ହେବ, ମୁହଁର କଥାରୁ ନୁହେଁ। ସଙ୍ଗ ଫଳ ତୁମକୁ ଗୌରବର ଶିଖରରେ ପହଞ୍ଚାଇ ଦେଇପାରେ କିମ୍ବା ବିନାଶର ଗଭୀରତାରେ ନିକ୍ଷେପ କରିଦେଇପାରେ। ଧୂଳି ପବନ ସଙ୍ଗ ଲାଭ କରି ଆକାଶକୁ ଉଠିଯାଏ, ମାତ୍ର ଜଳର ସଙ୍ଗ ଲାଭ କଲେ କାଦୁଅ ହୋଇ ତଳେ ବସିଯାଏ। ଧୂଳିର ଚାଲିବାକୁ ଗୋଡ଼ ନାହିଁ ବା ଉଡିବାକୁ ଡେଣା ନାହିଁ। ଉପରକୁ ଉଠିବାକୁ ବା ତଳକୁ ଖସିବାକୁ ଦାୟୀ ସଙ୍ଗ। ଖଣ୍ଡିଏ ଲୁହାକୁ ମାଟିରେ ପକାଇଲେ କିଛି ଦିନ ପରେ ସେଥିରେ କଳଙ୍କି ଲାଗିବ, ପୁଣି ସେଇ ଲୁହାକୁ ନିଆଁରେ ପକାଇଲେ ଏହାର କଳଙ୍କି ବା ଅଶୁଦ୍ଧତା ପୋଡ଼ି ଧ୍ୱଂସ ହୋଇଯାଏ। ଏଣୁ ପବିତ୍ରତା ବା ଅପବିତ୍ରତାର କାରଣ ସହବାସ ବା ସଙ୍ଗ।

ଯିଏ ତୁମର ଉପକାର କରେ ତାର ଅପକାର କରିବା, ଯିଏ ତୁମକୁ ଭଲ ପାଏ ତାକୁ ଘୃଣା କରିବା ରାକ୍ଷସ ସ୍ୱଭାବ। ଯିଏ ତୁମକୁ ଭଲ ପାଏ ତାକୁ ଭଲପାଇବା ମନୁଷ୍ୟ ସ୍ୱଭାବ, ମାତ୍ର ଯିଏ ତୁମର ଅପକାର କରେ ତାର ଉପକାର କରିବା, ଯିଏ ଘୃଣା କରେ ତାକୁ ପ୍ରେମ କରିବା, ଦୈବୀ ସ୍ୱଭାବ। ପରମାତ୍ମାଙ୍କ ସ୍ୱଭାବ କେବଳ ପ୍ରେମ। ପ୍ରେମ ଓ କ୍ଷମା ସମାନ। ଏଣୁ ପ୍ରେମ ଓ କ୍ଷମା ମଧ୍ୟରେ ଅଭିନ୍ନ ଭାବ ସମ୍ବନ୍ଧ ବିଦ୍ୟମାନ। ଶାନ୍ତ ଭାବ ଗୋଟିଏ ଭଲ ଗୁଣ। ଏହା ଆତ୍ମାର ସ୍ୱଭାବ। ଯେଉଁମାନେ ଅତି ଆଶାୟୀ ଓ ସ୍ୱାର୍ଥପର ସେମାନଙ୍କ ମନରେ ଏ ଗୁଣ ରହିବ ନାହିଁ। କେବଳ ନିର୍ମଳ ଚିତ୍ତ ଓ ନିଃସ୍ୱାର୍ଥ ଲୋକଙ୍କ ଠାରେ ଏହା ରହିପାରିବ।

ନିର୍ମଳତା ଓ ନିଃସ୍ୱାର୍ଥଭାବ ପରମାତ୍ମାଙ୍କ ଗୁଣ। ପରମାତ୍ମା ମଧ୍ୟ ବାଙ୍କମୟୀ, ଜ୍ୟୋତିର୍ମୟୀ, ଶବ୍ଦ ବ୍ରହ୍ମମୟୀ, ପରାପ୍ରମୟୀ, ଶ୍ରୀମୟୀ, ମାୟାମୟୀ, ଦୟାମୟୀ ଇତ୍ୟାଦି। ପରମାତ୍ମାଙ୍କୁ ନିର୍ଗୁଣ, ନିରଞ୍ଜନ, ସନାତନ, ନିକେତନ, ନିତ୍ୟ, ଶୁଦ୍ଧି, ବୁଦ୍ଧି ବୋଲି ବର୍ଣ୍ଣନା କରାଯାଇଛି। ପରମାତ୍ମା ଯେତେବେଳେ ମନୁଷ୍ୟ ରୂପ ଗ୍ରହଣ କରନ୍ତି, ସେତେବେଳେ ତାଙ୍କର ଦେହ ଚେତନା, କ୍ରୋଧ, ମୋହାଦି ଥିଲା ଭଳି ପ୍ରତୀୟମାନ ହୁଅନ୍ତି। ଏହା ସଂସାର ଲୋକଙ୍କ ପାଇଁ ଛଳନା ମାତ୍ର। ପ୍ରକୃତରେ ତାଙ୍କଠାରେ ଏସବୁ କିଛି ନଥାଏ।

# ଉଦ୍‌ଯାପିତ ହେଲା ରୋଭର ରେଞ୍ଜର ଫିଏଷ୍ଟା

ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଦ୍ୱାରା ଗତ ୨୭ତାରିଖରୁ ଆରମ୍ଭ ହୋଇଥିବା ରୋଭର ରେଞ୍ଜର ଫିଏଷ୍ଟା ଗତକାଲି ସଂଧ୍ୟାରେ ଏକ ବର୍ଣ୍ଣାଢ୍ୟ ଉତ୍ସବ ମାଧ୍ୟମରେ ଉଦ୍‌ଯାପିତ ହୋଇଅଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷ, ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନୀତ ଅତିଥିଭାବେ ରାଜ୍ୟ ସ୍କାଉଟ ଗାଇଡ୍ ଉପସଭାପତି ତଥା ଅଧ୍ୟକ୍ଷା ମହିଳା କମିଶନ ଡଃ. ମିନତୀ ବେହେରା, ରାଜ୍ୟ ସ୍କାଉଟ ଗାଇଡ୍ ଉପସଭାପତି ତଥା ମାନ୍ୟବର ବିଧାୟକ (ମଧ୍ୟ) ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ଏସ୍.ଏନ୍.ଓ ଏବଂ ଡେପୁଟି ସେକ୍ରେଟାରୀ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ପିଲାମାନଙ୍କର ବ୍ୟକ୍ତିତ୍ୱ ଏବଂ ପାଠପଢ଼ା ଉପରେ କିପରି ସୁପ୍ରବାହ ପକାଇଥାଏ, ତା'ର ବର୍ଣ୍ଣନା କରିଥିଲେ। ଫିଏଷ୍ଟାରେ ଅଧ୍ୟକ୍ଷତା କରି ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ଡିସିପି ଟ୍ରାଫିକ୍ ଏସ୍. ସୁଶ୍ରୀ ପ୍ରଭୃତି ଯୋଗ ଦେଇ ପିଲାମାନଙ୍କୁ ଟ୍ରାଫିକ୍ ନିୟମ ମାନି କିପରି ଗାଡି ଚଳାଇବେ ଏବଂ ଆମ ରାଜ୍ୟରୁ କିପରି ଦୁର୍ଘଟଣା ଜନିତ ମୃତ୍ୟୁହାର କମିପାରିବ ତାହା ଉପରେ ଏକ ଅଭିନୟ ମାଧ୍ୟମରେ ସଚେତନତା କରାଯାଇଥିଲା। ରାଜ୍ୟ ସଂଗଠନ କମିଶନର (ଗାଇଡ୍) ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀ ଭବାନୀ ପ୍ରସାଦ ମିଶ୍ର, ରାଜ୍ୟ ସ୍କାଉଟ୍ ତାଲିମ କମିସନର ଶ୍ରୀ ସୁରଜିତ ସେନ, ରାଜ୍ୟ ଗାଇଡ୍ ତାଲିମ କମିସନର ପ୍ରିୟଦର୍ଶିନୀ ମହାପାତ୍ର ଓ ରାଜ୍ୟ ମୁଖ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରଭୃତି ସହଯୋଗ କରିଥିଲେ। ପରିଶେଷରେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ଶେଷରେ ଫିଏଷ୍ଟାରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ହାସଲ କରିଥିବା ଜିଲ୍ଲା ଏବଂ ରୋଭର, ରେଞ୍ଜରମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଫଳକ ପୁରସ୍କୃତ କରାଯାଇଥିଲା।





ମିଶ୍ର କରୋନାର ପରବର୍ତ୍ତୀ କାଳରେ ଏହି ଶିବିର ପିଲାମାନଙ୍କ ନିମନ୍ତେ କିପରି ଏକ ମାର୍ଗଦର୍ଶକ ଭାବରେ କାମ କରିପାରିବ ତା'ର ରୂପରେଖ ପ୍ରସ୍ତୁତି ବିଷୟରେ ବ୍ୟାଖ୍ୟା କରିଥିଲେ। ଏହି ଶିବିରରେ ଓଡ଼ିଶାର ୧୮ଟି ଜିଲ୍ଲାରୁ ୪୫୦ ରୁ ଉର୍ଦ୍ଧ୍ୱ ରୋଭର, ରେଞ୍ଜର, ରୋଭର ସ୍କାଉଟ ଲିଡର, ରେଞ୍ଜର ଲିଡର ଯୋଗ ଦେଇ ଫିଏଷ୍ଟାର ବିଭିନ୍ନ ଦିବସରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଯଥା ଫୁଡ୍ ଅଫ ଓଡିଶା, ଶାରୀରିକ କ୍ରୀଡ଼ା କୌଶଳ, ଫେଷ୍ଟିଭାଲ ଅଫ ଷ୍ଟେଟ୍, ଷ୍ଟ୍ରିଟ୍ ପ୍ଲେ ଅନ୍ ଜେଣ୍ଡର ବାଏସ, ହିଟ୍ ଦ ଡ୍ୟାନ୍ସ ଫ୍ଲୋର, ର୍ୟାମ୍ପ ଓ୍ୱାକ୍, କୌତୁକ ପୋଷାକ ପରିଧାନ, ଯୋଗାସନ, ବିପି କ୍ରୀଡ଼ା କୌଶଳ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ ସହିତ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଶିବିର ବିଭିନ୍ନ ଦିବସରେ ଓଡିଶା ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ତଥା ମାନ୍ୟବର ବିଧାୟକ (ଉତ୍ତର) ଶ୍ରୀଯୁକ୍ତ



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଜାନୁଆରୀ ୧୬**

# ଆଇନର ଶାସନ, ବ୍ୟବସ୍ଥାପନା ଓ ମାର୍ଗଦର୍ଶନ

ବିଶ୍ୱ ପ୍ରକାଶ ଦେବତା

ଭାରତ ବର୍ଷର ଗଣତନ୍ତ୍ର ବିଶ୍ୱର ଅନ୍ୟତମ ସର୍ବବୃହତ୍ତ ଗଣତନ୍ତ୍ର। ଆଇନର ଗଣ୍ଡି ଭିତରେ ବ୍ୟବସ୍ଥାପନା ଓ ସଂସ୍ଥାପନା ସହ ଦେଶର ନ୍ୟାୟପାଳିକା ମଧ୍ୟ ଅତ୍ୟନ୍ତ ସୁଦୃଢ଼। ଆମ ସାଧାରଣରେ ଯେ କେହିବି ହୁଅନ୍ତୁ ସମାଜରେ ଯେତେବେଳେ ଯେଉଁକ୍ଷେତ୍ରରେ ଆଉ ଯେଉଁ ପ୍ରସଙ୍ଗରେ ଆମ ସମସ୍ତଙ୍କର ନ୍ୟାୟ ଅଭାବବୋଧ ହୁଏ ଆମେ ନ୍ୟାୟର ମନ୍ଦିର ଏବଂ ଗଣତନ୍ତ୍ରର ସବୁଠାରୁ ବିଶ୍ୱସ୍ତ ଓ ସର୍ବବୃହତ୍ତ ଅନୁଷ୍ଠାନ କୋର୍ଟକୁ ହିଁ ଯାଇଥାଉ। କେହି କେହି କୁହନ୍ତି ଯେ ବଡ଼ବଡ଼ିଆ ଲୋକମାନେ ନିଜ ଇଚ୍ଛାରେ ଆଇନ ତିଆରି କରନ୍ତି ଆଉ ଆଇନର ବାଟ ବି ମୋଡ଼ି ଦିଅନ୍ତି। କିନ୍ତୁ ବାସ୍ତବ କଥା ହେଉଛି ଆଇନ ତା ବାଟରେ ଯାଇଥାଏ। ସୁପ୍ରିମକୋର୍ଟ ହେଉ ବା ହାଇକୋର୍ଟ ବା ଜିଲ୍ଲା କୋର୍ଟ ହେଉ ବା ନିମ୍ନ ଅଦାଲତ, ସବୁଠି ନ୍ୟାୟର ରକ୍ଷକ ଭାବେ ନ୍ୟାୟର ଅବତାର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ବିଚାର କରାଯାଉଥିବା ନ୍ୟାୟଧୀଶମାନେ ଥାଆନ୍ତି। ଆପଣ ରାତି ପାହିଲେ ଖବର କାଗଜର ପୃଷ୍ଠା ଦେଖନ୍ତୁ ଗୋଟିଏ ଛୋଟିଆ ଲୋକଟିଏ ମଧ୍ୟ ସୁପ୍ରିମକୋର୍ଟର ଦ୍ୱାରରେ ପହଞ୍ଚି ପାରୁଛି ଆଉ ତା ନ୍ୟାୟ ସେ ପାଇପାରୁଛି। ବିଳମ୍ବ ହୋଇପାରେ କିନ୍ତୁ ନ୍ୟାୟ ନିଶ୍ଚିନ୍ତ ଭାବେ ମିଳୁଛି। କିନ୍ତୁ ବେଳେ ବେଳେ ଦେଖାଯାଏ ଏହି ଆଇନର ବ୍ୟବସ୍ଥା ଭିତରେ କିଛି କିଛି ଜ୍ଞାନଗୁଣ, ଦକ୍ଷତା, ନିରପେକ୍ଷତା, ବିଶ୍ୱସନୀୟତା, ଅଭାବବୋଧ ଥିବା ଲୋକ ଏହା ଭିତରକୁ ଅନଧିକାର ଭାବେ ପସି ଯାଉଛନ୍ତି। ଅନେକ ଆଇନଜୀବୀ ରହିଛନ୍ତି ଯେଉଁମାନେ କେବଳ ନାମ ବାଚକ ଆଇନଜୀବୀ। ଆଇନ ପାଠ ପଢ଼ିଛନ୍ତି କୌଣସି ବାରର ସଦସ୍ୟ ଭାବେ ପଞ୍ଜିକୃତ ମଧ୍ୟ ହୋଇଛନ୍ତି କିନ୍ତୁ ସେମାନେ କୋର୍ଟକୁ ଯାଆନ୍ତି ନାହିଁ। ଅନ୍ୟଗଳା ବାଟରେ ଆଇନର ଦ୍ୱାହି ଦେଇ ଆଇନକୁ ନେଇ ବେପାରବଟା କରିବାର ଆସ୍ପର୍ଦ୍ଧା ରଖନ୍ତି। ନିଜ ସ୍ୱାର୍ଥ ବ୍ୟାହତ ହେଲେ କୋର୍ଟ କଚେରୀ ବନ୍ଦ କରିଦିଅନ୍ତି। ଏଥିରେ କୋର୍ଟଙ୍କର କୌଣସି ସ୍ୱାର୍ଥ ନଥାଏ କିନ୍ତୁ ନିରୀହ ଜନସାଧାରଣ ହନ୍ତସନ୍ତ ହୁଅନ୍ତି। ଗତ ବର୍ଷ ମାନ୍ୟବର ସୁପ୍ରିମ କୋର୍ଟ ଅତ୍ୟନ୍ତ କଠୋର ହୋଇ ଏହା ଉପରେ କଡ଼ା ଅଙ୍କୁଶ ଜାରି କରିଛନ୍ତି। ଯେପରି ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ହେଉଛି ସବୁଠାରୁ ବଡ଼ ବାର ଆସୋସିଏସନ। କିଛି ବର୍ଷ ହେଲା ବିଭିନ୍ନ ଅଭିଯୋଗ, ମନମାନି, ଗଫଲତି ଓ ନିରପେକ୍ଷତା ଅଭାବ ଏହିଭଳି ଘଟଣାକୁ ନେଇ ଓଡ଼ିଶା ଆଇନଜୀବୀ ପରିଷଦର ନିର୍ବାଚନ ହୋଇନଥିଲା। ଚଳିତ ବର୍ଷ ଏହି ନିର୍ବାଚନ ହୋଇଛି। ଏଥିରେ ପଚିଶ ଜଣ ସଭ୍ୟସଭ୍ୟା ରହିବାର ବ୍ୟବସ୍ଥା ରହିଛି। ଚଳିତ ବର୍ଷ ଜନୈକ ବରିଷ୍ଠ ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ନିର୍ବାଚିତ ହୋଇଛନ୍ତି। ତେବେ ତାଙ୍କ ନିର୍ବାଚନକୁ ମଧ୍ୟ ମାନ୍ୟବର କୋର୍ଟଙ୍କ ଦିଗଦର୍ଶନରେ ହୋଇଛି। ତେବେ ଅଭିଯୋଗ ଉଠୁଛି ଯେ ଏହି ନବ ନିର୍ବାଚିତ ସଭାପତି ଗଳାବାଟ ଦେଇ ଅନ୍ୟମାନଙ୍କୁ ପ୍ରରୋଚିତ କରି ଏବଂ ପ୍ରବଳ ଅର୍ଥ ଖର୍ଚ୍ଚ କରି ଏହାକୁ ଜିଣିବାରେ ସକ୍ଷମ ହୋଇଛନ୍ତି। ଆଇନଗତ ଓ ସାମାଜିକ ସ୍ତରରେ କିଛି ପତିଆରା ସୃଷ୍ଟି କରିବା ପାଇଁ ଚାଣକ୍ୟଙ୍କ ସାମ, ଦାନ, ଦଣ୍ଡ, ଭେଦ ନୀତି ଗ୍ରହଣ କରି ସେ ଏହି ନିର୍ବାଚନକୁ ଜିତିବାରେ ସକ୍ଷମ ହୋଇଛନ୍ତି। ଟଙ୍କା ଦେଇ ଭୋଟ କିଣିହୁଏ ତାହା ନବୀନ ବାବୁଙ୍କ ରାଜ୍ୟରେ ଜଳ ଜଳ। କେନ୍ଦ୍ରରେ ମଧ୍ୟ ହେଉଛି କିନ୍ତୁ ଆଇନଜୀବୀ ପରିଷଦ ପରି ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ ଏପରି ବାହୁବଳୀ ଓ ଅର୍ଥବଳୀମାନେ ପ୍ରବେଶ କରିବା ଅର୍ଥ ଆଇନର ବ୍ୟବସ୍ଥା ଭିତରେ ଅର୍ଥ ଓ ବାହୁର ପ୍ରବେଶ। ଅଭିଯୋଗ ବି ଉଠୁଛି ଯେ କିଛି ତଥାକଥିତ ମାଫିଆ, ଅପରାଧି, ନିଶାଖୋର ଓ ଦୁର୍ନୀତିଗ୍ରସ୍ତଙ୍କ ସାହାରା ନେଇ ଏହି ମହାଶୟ ନିର୍ବାଚନକୁ ଜିଣି ନାହାଁନ୍ତି ତ କିଣିଛନ୍ତି। ଭୁବନେଶ୍ୱର କ୍ଲବ, କଟକ କ୍ଲବ ଓ କଟକ ଭୁବନେଶ୍ୱର ମଝି ରାସ୍ତାର କିଛି ଅସାମାଜିକଙ୍କ ନିଷିଦ୍ଧ ଆଡାରେ ଡିଲ୍ ହୋଇ ସେମାନଙ୍କୁ କିଛି ଆଇନର ବଙ୍କାବାଟ ଦେଖାଯାଇ ନିର୍ବାଚନକୁ ନିଜ ପଟକୁ ଢ଼ଳେଇପାରିଛନ୍ତି। ଏ କ୍ଷେତ୍ରରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀମାନେ ଶୋଚନୀୟ ଭାବେ ଚିତପଟାଙ୍ଗ ମାରିଛନ୍ତି। ସମ୍ଭବତଃ ପ୍ରତିଦ୍ୱନ୍ଦ୍ୱୀମାନେ ଏହି ଚାଣକ୍ୟଙ୍କ ନୀତି ସମକକ୍ଷ ହୋଇପାରି ନାହାଁନ୍ତି। କଥାରେ ନାହିଁ 'ମାରିନେଲେ ମହାପାତ୍ରେ ଚାହିଁଥାରେ ଜଳକା'। କେବଳ କଚେରୀ ପାଖରେ ନୁହେଁ ସାରା ଓଡ଼ିଶା ସାରା ଟୁପୁରୁ ଟାପୁରୁ ହେଉଛନ୍ତି ଯେ ଏଥର ଓଡ଼ିଶା ଆଇନଜୀବୀ ପରିଷଦ ନିର୍ବାଚନରେ ପ୍ରବଳ ଟଙ୍କା ଉଡିଲା। ଆଉ ଯିଏ ଉଡେଇ ପାରିଲା ସେ ଗଗନ ବିଜୟୀ ହୋଇଗଲେ। ଯାହାପାଖରେ ଟଙ୍କା ନାହିଁ ତାଙ୍କର ସମ୍ମାନ ବି ନାହିଁ। ଟଙ୍କା ଦେଇ, ମଦ ମାଂସ ଦେଇ ଅନ୍ୟ ବାଟରେ ଖୁସି କରି କିଛି ସତମିଛର ସ୍ୱପ୍ନ ଦେଖାଇ ଏହି ଆଇନର ଯୁଦ୍ଧରେ ଏକ ପ୍ରକାର ଜିତି ଯାଇଛନ୍ତି। କିନ୍ତୁ କଥାରେ ନାହିଁ ଏ ରଙ୍ଗ ରହିଲେ ହେଲା। ରାମାୟଣରେ ମହାପରାକ୍ରମୀ ରାବଣର ଅଧର୍ମ ଚରିତ୍ରକୁ ରାମଙ୍କ ପବିତ୍ରତା, ସତ୍ୟବାଦୀତା, ପିତୃସମ୍ମାନ ନିଷ୍ଠତା ଓ ନ୍ୟାୟବନ୍ତତା ହିଁ ଯୁଦ୍ଧରେ ବିଜୟୀ କରିଥିଲା। ତେଣୁ ଆଇନର ଶାସନ ରହିବ। ଭାରତର ମର୍ଯ୍ୟାଦାପୂର୍ଣ୍ଣ ଗଣତନ୍ତ୍ର ଓ ସର୍ବୋପରି ନ୍ୟାୟପାଳିକାର ଯେଉଁପରି ନିଷ୍କଳଙ୍କ ଆଦର୍ଶ ଓ ବିଶ୍ୱସନୀୟତା ରହିଛି ତାହା ଯୁଗ ଯୁଗ ପାଇଁ ସମଗ୍ର ବିଶ୍ୱକୁ ଦେଖାଇ ପାରୁଛି ଯେ ଯେତେ ଅନ୍ୟାୟ, ଅନୀତି ହେଉ ବରଂ ସତ ଦିନେ ନା ଦିନେ ସମାଜରେ ପ୍ରତିଦିନର ସୂର୍ଯ୍ୟପରି ଉଦଭାସିତ ହେବ।

ଆଇନଜୀବୀ ଓ ମାନବାଧିକାର କର୍ମୀ, ୨୨
ସୂର୍ଯ୍ୟବିହାର, ଭୁବନେଶ୍ୱର

# ଘର ଛନ୍ଦା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଛନ୍ଦା ଅର୍ଥ ଛନ୍ଦଣି, ଫାଶ ଲଗାଇ ରଖିବା, ଫାଶର ସଂସାରୀ ବ୍ୟକ୍ତିଙ୍କ ପାଇଁ ଏକ ମାୟାବନ୍ଧନ। ଘରଛନ୍ଦା ପ୍ରକୃତ ଅର୍ଥ ସ୍ୱଘର ସହିତ ଅନ୍ୟ ପଡ଼ୋଶୀ ଘରକୁ ବାନ୍ଧି ରଖିବା। ଫାଶ ଏକ ଦେବ ଆୟୁଧକୁ ନର ଆୟୁଧ ଓ ଅସୁର ଆୟୁଧ, ଦେବ ଆୟୁଧକୁ ବୁଝିବା ଭାରି କଷ୍ଟ ତେବେ ଦେବତାଙ୍କର ଆୟୁଧ ଫାଶରେ ଆସେ ଶ୍ରୀ ଗଣେଶ, ବରୁଣ ମହାରାଜ, ଦୁର୍ଗା ମାଆଙ୍କର ଆୟୁଧ। ଏହା ହେଲେ ବି ଦେବମାୟାରେ ଯିଏ ନାହିଁ ସିଏ ପଡ଼ିପାରେ, ଏସବୁ ମାୟା ଠାରୁ ବିଷ୍ଣୁ ମାୟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫାଶ ଏଥିରୁ ଶିବ କି ମୁକ୍ତ ନୁହଁନ୍ତି। ମୋର ଜଣେ ଗୁରୁଙ୍କର ପାଖକୁ ଥରେ ଦର୍ଶନକୁ ଯାଇଥିଲେ ସେ ସେଦିନ ଏକ ଦିବ୍ୟ ସମ୍ଭାଷଣରେ ଏହିପରି ଉପସ୍ଥିତି ବ୍ୟକ୍ତିମାନଙ୍କୁ ବୁଝାଉଥାନ୍ତି, ସୁନାମାନେ କୁହତଃ ଦେଖି ତୁମର ଯେତେ ଭୟ ଓ ସନ୍ଦେହ ଆସୁଛି ତା ମଧ୍ୟରେ ତୁମର ଦ୍ରବ୍ୟ ଚୋରୀ ଉପରେ ଏପରି ନାହିଁକି ? ହଁ ଶବ୍ଦ ଆସିଲା ତା ସହିତ ପ୍ରଶ୍ନ ଆସିଲା ଗୁରୁଦେବ ଏହା କିପରି ଦୂର ହୋଇପାରେ ? ଗୁରୁଦେବ କହିଲେ ବେଦରେ ସ୍ରଷ୍ଟା ବିବରଣୀ ନାହିଁ ଅଛି ଦ୍ରଷ୍ଟା ବିବରଣୀ, ଅର୍ଥାତ୍ ବୁଝା ଯିବ କେହି କୌଣସି ବିବରଣୀକୁ ଏବେ ବା ଅତୀତରେ କେହି ନୂଆ ପଥରେ କହୁନାହିଁ ତାହା ବିଗତ କାଳର ମହାଜନ ସନ୍ଥମାନେ କହିଯାଇଛନ୍ତି ପୁଣି ତାକୁ ଶାସ୍ତ୍ରରେ ଲିପିବଦ୍ଧ କରିଛନ୍ତି ଏହି ପ୍ରଶ୍ନ ଉତ୍ତର ପୂର୍ବରୁ ଲେଖାଯାଇଛି କୁହାଯାଇଛି ମାତ୍ର ଲୋକ ଲୋଚନରେ ଏହା ବହୁବର୍ଷ ପରେ ଲୁଚି ଯାଇଛି। ସମସ୍ତଙ୍କର ବାଡ଼ିରେ ଫଳ ପନିପରିବା ହୁଏ, ଲୋକେ ଯେଉଁଠି ବାସ କରନ୍ତି ତାଙ୍କର ପଡ଼ୋଶୀମାନେ ସେହି ସେହି ସ୍ଥାନର ପାଖ ବାସିନ୍ଦା, ନିଜର ଫସଲ ଫଳ ମୂଳ ପତ୍ର ଆଦି ଆମଦାନୀ ବେଳେ ଏଥିରୁ ପାଖ ଲୋକଙ୍କୁ କିଛି କିଛି ବଣ୍ଟନ କରିଲେ ସେମାନଙ୍କ ସହିତ ସୌହାର୍ଦ୍ଦପୂର୍ଣ୍ଣ ବ୍ୟବହାର ସମ୍ବନ୍ଧ ରହିବ। ଏପରିକି ଫସଲ ଫଳ ବୃକ୍ଷକୁ ସେମାନେ ନଜରରେ ରଖିବେ ଚୋରୀଲୁଟ ପଶୁପକ୍ଷୀଙ୍କ ଆକ୍ରମଣରୁ ରକ୍ଷା କରିବେ ତା ସହିତ ଘରେ ପୂଜା ପାଠ ବ୍ରତ ଭୋଜିରେ ସେମାନଙ୍କୁ ନିୟନ୍ତ୍ରଣ କରି ଏଥିରେ ସାମିଲ କଲେ ସୁସମ୍ପର୍କ ରହିବ ଭଲ ଭାଇଚାରା ରହିପାରିବ। ଘର ପାଖରେ ଗରିବ ଲୋକ ଥିଲେ ତାଙ୍କର ଦାରିଦ୍ର୍ୟକୁ ଉପହାସ ନକରି ତାଙ୍କୁ ଅଯାଚିତ ଭାବରେ ସହାୟ ହେଲେ ଓ ତାଙ୍କ ଘରେ ସପ୍ତାହରେ ପକ୍ଷରେ ବା ମାସରେ ଥରେ ନିଜେ ଭୋଜନ କରିବେ କହି ନିଜଘରୁ ଭୋଜନଦ୍ରବ୍ୟ ପଠାଇ ତାଙ୍କ ଘରେ ନିଜ ଘରୁ ଲୋକବଳ ଦେଇ ରୋଷେଇବାସ କରାଇ ସମସ୍ତେ ପଂକ୍ତି ଭୋଜନ କରିଲେ ଅତି ଆନନ୍ଦମୟ ପରିବେଶ ରହେ। ତେବେ ଯେତେ ଭୋଜ୍ୟ ଦ୍ରବ୍ୟ ଲାଗେ ତା ଠାରୁ ଅଧିକ ଦ୍ରବ୍ୟ ଦେଇପାରିଲେ ତୁମର ଉଦାର ଗୁଣ ପାଖରେ ସେ ମମତା ଫାଶରେ ବନ୍ଧନ ହୋଇ ପଡ଼ିବେ ସେହିପରି ସେପରି ଲୋକ ଓ ତାଙ୍କ ପରିବାରଜନଙ୍କୁ ନିଜର ଗୃହରେ ଶ୍ରାଦ୍ଧ, ମେଳା, ସତ୍ୟନାରାୟଣ ପୂଜା, ପିଲାଙ୍କର ଜନ୍ମ ଦିନ ନିଜର ବିବାହ ଭୋଜିରେ ପ୍ରତ୍ୟକ୍ଷ ଜଡ଼ିତ କରି ଆପ୍ୟାୟିତ କଲେ ଶତୃତା ରହେନାହିଁ କି ଈର୍ଷାଦି ଭାବ ନଷ୍ଟହୁଏ। ପ୍ରକୃତରେ ସତ୍ୟନାରାୟଣ ପୂଜାରେ ଭୋଗବଣ୍ଟା ବେଳେ ଅନ୍ୟ ଏକ ଛନ୍ଦା ପତ୍ର ପକାଇ ତାଙ୍କର ଘର ଲୋକଙ୍କ ପାଇଁ ଭୋଗ ସାମଗ୍ରୀ ଯୋଗାଇ ଦେଲେ ସେପରି କୌଣସି ମେଳାରେ ଏକ ଗୁଆ ମାଗଣ କରି ଆଣିଲେ ସମ୍ପର୍କ ଉତ୍ତମ ରହେ। ଏହା ହିଁ ଘର ଛନ୍ଦା। ବିପ୍ରଭୋଜନରେ ପୂର୍ବେ ବିପ୍ରଜନଙ୍କୁ ଏକ ବିଶେଷ ପତ୍ରରେ ତାଙ୍କ ଘର ପାଇଁ ଭୋଜନ ସାମଗ୍ରୀ ସର୍ବଦା ଦିଆଯାଉଥିଲା। ଶ୍ରାଦ୍ଧରେ ସିଦ୍ଧା ଦିଆଯାଉଥିଲା। ଏହା ଏବେ ବିଲୁପ୍ତ ହୋଇଗଲାଣି। ନିଜର ଗୃହର ସେବକ, ବାରିକ, ଧୋବା, ଶଙ୍ଖୁଆ ବାଜାବଜାଳିଙ୍କୁ ପ୍ରତି ବଡ଼ ଭୋଜିରେ ଅନ୍ନ ବ୍ୟଞ୍ଜନାଦି ପାତ୍ର ଭରି ପୂର୍ବେ ଦିଆଯାଉଥିଲା, ଅଭ୍ୟାଗତ ପତ୍ରଟିଏ ଶ୍ୱାନ ମାନଙ୍କୁ କାକ ମାନଙ୍କୁ ଦିଆଯାଉଥିଲା, ଗୋ-ଗ୍ରାସ ଦିଆଯାଉଥିଲା, ଏ ସମୟକୁ କେଉଁଠି କାଁ ଭାଁ ଅଛି ମାତ୍ର ସର୍ବତ୍ର ଏହା ବିଲୁପ୍ତ ହେବା ଜଣାଯାଏ। ପ୍ରକୃତରେ ଏହା ଘରଛନ୍ଦା ଏ ପ୍ରଥା ଚୋରୀ, ତସ୍କର, ଶତୃତାର ଅବସାନକାରୀ। ନିଜର ପରମ୍ପରା ଭଙ୍ଗ ଏବେ ଏସବୁ ବଢ଼ାଉଛି। କୋର୍ଟ କଚେରୀ ପୋଲିସ ସହାୟତାରେ ଏହା କେବେ ଶାନ୍ତି ହୋଇନପାରେ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ନେତା, ଜନତା ଓ ଗଣତନ୍ତ୍ର



କେଶବ ଚନ୍ଦ୍ର ନାୟକ

ଭାରତ ବର୍ଷ ବ୍ରିଟିଶ ଶାସନରୁ ମୁକ୍ତିଲାଭ ପାଇଲା ପରେ ଆମେ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚ଼ଳାଇ ଆସୁଛୁ। ଭାରତରେ ଗଣତନ୍ତ୍ର ପ୍ରକ୍ରିୟାରେ ୧୯୫୧ ମସିହାରେ ପ୍ରଥମ ନିର୍ବାଚ଼ନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଠାରୁ ଆଜି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନରେ ଆମେ ଶାସିତ। ଆଜକୁ ଦୀର୍ଘ ୬୩ ବର୍ଷ ମତଦାନ ଦ୍ୱାରା ନିର୍ବାଚ଼ିତ ବିଧାୟକ ଏବଂ ସାଂସଦମାନେ ଆମ ପାଇଁ କ'ଣ କରିଛନ୍ତି ,ସେ ସଂପର୍କରେ ଆଜି ଚ଼ିନ୍ତା କରିବାର ବେଳ ଆସିଛି ।ଭୋଟ ଦେଇ ନେତାଙ୍କ ଠାରୁ ଶହ ଶହ ପ୍ରତିଶ୍ରୁତି ଶ୍ରବଣ କରିଲା ପରେ ନେତାଙ୍କ ଠାରୁ ଆସ୍ଥା ଓ ବିଶ୍ୱାସ ଆମ ମନରୁ କ୍ରମଶଃ ତୁଟିଯାଇଛି। ବିକାଶ କହିଲେ କେବଳ ରାସ୍ତା ଘାଟ ନିର୍ମାଣ କିଛି ସରକାରୀ କୋଠା ବାଡି ନିର୍ମାଣକୁ ବୁଝାଏ ନାହିଁ। ତତ୍ ସହିତ ଶିଳ୍ପ ଏବଂ କୃଷିର ବିକାଶ ହେବା ଆବଶ୍ୟକ। ଯେଉଁଠି ବ୍ୟକ୍ତି ବିଶେଷର ନିଯୁକ୍ତି ନାହିଁ।ଲକ୍ଷ ଲକ୍ଷ ବେକରୀ ସମସ୍ୟା, ସେଠାର ବିକାଶ ବୋଲି ଉଦଘୋଷଣା କରିବା ନିରର୍ଥକ। ବର୍ତ୍ତମାନ ଦେଶରେ ଦୁଇ ଗୋଟି ଗୋଷ୍ଠୀର ଉଦ୍‌ରେକ ହୋଇଛି।ଧନିକ ଗୋଷ୍ଠୀ ଓ ଦରିଦ୍ର ଗୋଷ୍ଠୀ। ଏହି ଧନିକ ଗୋଷ୍ଠୀ ହାତରେ ଭାରତର ଭାଗ୍ୟ ନିର୍ଦ୍ଧାରଣ କରୁଛି। ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ନିୟନ୍ତ୍ରଣରେ ।କାରଣ ନିର୍ବାଚ଼ନ ପାଇଁ ପୁଞ୍ଜି ର ଆବଶ୍ୟକତା ରହିଛି। ସେହି ପୁଞ୍ଜିକୁ ବଡ ବଡ ପୁଞ୍ଜିପତିମାନେ ବିନିଯୋଗ କରନ୍ତି। ଭୋଟ ପାଇଁ ବଡଧରଣର ବ୍ୟୟ ବରାଦ ହୁଏ। ଯେଉଁ ଦଳ କ୍ଷମତାକୁ ଆସେ ପୁଞ୍ଜିପତି ଙ୍କ ହାତବାରିସି ସାଜି କାର୍ଯ୍ୟ କରିଥାଏ । ଫଳରେ ଭାରତରେ ନେତା ନାମକୁ ମାତ୍ର ଶାସନ ଗାଦିର ମୁଖ୍ୟ ହୋଇଥିଲେ ମଧ୍ୟ ବାସ୍ତବ ଶାସନ ଡୋରି ପୁଞ୍ଜିପତି ଙ୍କ ହାତରେ। ପୁଞ୍ଜିପତି ମାନେ ଅଦୃଶ୍ୟ ଶାସକ।ଅର୍ଥ ବଳରେ ଏହି ଗୋଷ୍ଠୀ ବର୍ତ୍ତମାନ ମୁଦ୍ରାସ୍ଫିତିକୁ ଉତ୍ଥାନ ପତନ କରି ଥାନ୍ତି। ଆଜି ଯଦି ସମସ୍ତ ସାମଗ୍ରୀର ଦରବୃଦ୍ଧିର ମୂଳ କାରଣ ହେଲା ପୁଞ୍ଜିପତିମାନଙ୍କ ଷଡ଼ଯନ୍ତ୍ର। ଦରଦାମ ନିୟନ୍ତ୍ରଣରେ ନେତାମାନେ ବିଫଳ।କାରଣ ହେଲା ନିର୍ବାଚ଼ନ ସମୟରେ ଗ୍ରହଣ କରିଥିବା ମୋଟା ଅଙ୍କର ଚ଼ାନ୍ଦା। ତେଣୁ ଶାସନ କ୍ଷମତାରେ ବସିଥିବା ଦଳ କିଂ କର୍ତ୍ତବ୍ୟ ବିମୁଢ ନ୍ୟାୟରେ ନିରବ ଦ୍ରଷ୍ଟା। ବିଗତ ସରକାର ଅମଳରେ ଯେଉଁ ସବୁ କଳକାରଖାନା ଏବଂ ଅନ୍ୟାନ୍ୟ ସରକାରୀ ଉଦ୍ୟୋଗ ନିର୍ମାଣ କରାଯାଇଥିଲା, ସେସବୁ ପୁଞ୍ଜିପତିମାନଙ୍କୁ ଚୁକ୍ତି ଭିତ୍ତିକ ବିକ୍ରୟ କରାଯାଉଛି । ସରକାରୀ ସଂପତ୍ତି ଗୁଡିକ ଘରୋଇ କରଣ ହେଲା ପରେ ଶିଳ୍ପପତି ବା ପୁଞ୍ଜିପତିମାନେ ସେଥିରୁ ପ୍ରଚୁର ଲାଭ ଉଠାଇଥାନ୍ତି । ଫଳରେ ସେହି ଉଦ୍‌ୟୋଗରେ ନିଯୁକ୍ତି ପ୍ରାପ୍ତ ବ୍ୟକ୍ତିର ନିଯୁକ୍ତି ଅଧିକାର କ୍ରମେ ଘରୋଇକରଣ ହେତୁ ନିଜର ଅଧିକାର ଦୁର୍ବଳ ହୋଇପଡ଼ ? । ଧୀରେ ଧୀରେ ସରକାର ନିଜର ଦାୟିତ୍ୱ ବୋଧତା ରୁ ଦୂରେଇ ରହିବା ପାଇଁ ସମସ୍ତ ସରକାରୀ ଉଦ୍‌ୟୋଗ ଗୁଡ଼ି କୁ ଘରୋଇକରଣ ଏକ ସହଜ ସାଧ୍ୟ ମାଧ୍ୟମ ବୋଲି ବିବେଚ଼ନା କରି ନେଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଏଭଳି ସହଜ ପନ୍ଥାକୁ ଅବଲମ୍ବନ କରି ଜନତାଙ୍କୁ ଆର୍ଥିକ ଶୋଷଣ ସହ ନିଯୁକ୍ତି କ୍ଷେତ୍ରକୁ ବିପର୍ଯ୍ୟୟ ଆଡ଼କୁ ଠେଲି ଦେଇଛି। ଆଜି ରାଜ୍ୟ ସରକାର ମଧ୍ୟ ବିଭିନ୍ନ ସରକାରୀ ବିଭାଗରେ ଆଉଟ୍ ସୋର୍ସିଙ୍ଗ ପନ୍ଥାକୁ ଅବଲମ୍ବନ କରି ଉଚ଼୍‌ଚ଼ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିୟୋଜିତ କରିଛି,ଯାହାକି ସ୍ୱଳ୍ପ ଦରମା ଏବଂ ଅସ୍ଥାୟୀ ନିଯୁକ୍ତିର ନୂତନ ପରମ୍ପରାକୁ ଜନ୍ମ ଦେଇଛି। ନିଯୁକ୍ତିର ଘୋର ଅଭାବ ଯୋଗୁଁ ଉଚ଼୍‌ଚ଼ ଶିକ୍ଷିତ ବେକାରୀ ଯୁବକ ଯୁବତୀମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦିନରାତି କାଟୁଛନ୍ତି, ସେମାନଙ୍କ ନା ଅଛି ବର୍ତ୍ତମାନର ଉତ୍ତମ ସ୍ଥିତି ନା ଅଛି ଭବିଷ୍ୟତର ଉନ୍ନତି । ଯେଉଁମାନେ ଅଶିକ୍ଷିତ ଏବଂ ଅର୍ଦ୍ଧଶିକ୍ଷିତ ସେମାନେ ଦାଦନ ଶ୍ରମିକ ଭାବେ ଯତ୍ର ତତ୍ର ସର୍ବତ୍ର ଧାବମାନ ପରିସ୍ଥିତିରେ ଗତିଶୀଳ। ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଏବଂ ଅଶିକ୍ଷିତ ବେକରୀ ସମସ୍ୟା ବର୍ତ୍ତମାନ ଦେଶ ତଥା ରାଜ୍ୟରେ ଉତ୍କଟ ସମସ୍ୟା ହୋଇ ମୁଣ୍ଡ ଟେକିଛି। ଯେ କୌଣସି ରାଜନୈତିକ ଦଳ ନିର୍ବାଚ଼ନ ସମୟରେ ବଡ଼ ଭାଷଣ, ମିଥ୍ୟା ପ୍ରତିଶ୍ରୁତି, ଅନ୍ୟ ଦଳର ଅପନିନ୍ଦା କରି ଜନତାଙ୍କୁ ଦିବାସ୍ୱପ୍ନ ଦେଖାଇଥାନ୍ତି।

ଶାସନ ଗାଦିକୁ ଗଲା ପରେ ସବୁ ଭୁଲି ଯାନ୍ତି। ତେବେ ଯେକୌଣସି ରାଜନୈତିକ ଦଳର ନେତା ହେବା କୁ କୌଣସି ଯୋଗ୍ୟତାର ମାପ ଦଣ୍ଡ ଆବଶ୍ୟକ ନାହିଁ।ଏହା ସବୁ ଠାରୁ ନେତା ହେବା ଲାଗି ସହଜ ସରଳ ଉପାୟ। କିନ୍ତୁ ସରକାରୀ କିମ୍ବା ବେସରକାରୀ ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ରହିଛି। ପୁଞ୍ଜିପତି ହେବାକୁ ଅର୍ଥ ଆବଶ୍ୟକତା ରହିଛି। ତେଣୁ ଆଜିକାଲି ନେତା ପାଇଁ ସମସ୍ତେ ଆପ୍ରାଣ ଉଦ୍ୟମ କରନ୍ତି। ନେତା ହେଲେ ରାତାରାତି ଅର୍ଥ ପୁଳା ପୁଳା ଆସେ ଏବଂ ଅଯାଚ଼ିତ ସମ୍ମାନ ମଧ୍ୟ ସବୁଠି ଅପେକ୍ଷା କରି ରହିଥାଏ ।ତଳ ଦିନେ ଯେଉଁମାନେ ବିଦ୍ୟାଳୟରେ ଶେଷ ଧାଡ଼ିରେ ବସି ମାଷ୍ଟରଙ୍କ ଠାରୁ ମାଡ ଗାଳି ଶୁଣି ପାଠ ପଢୁ ନଥିଲେ କିମ୍ବା ପରୀକ୍ଷାରେ ବାରମ୍ବାର ଫେଲ ହୋଇ ପାଠ ପଢ଼ାରେ ଡୋରି ବାନ୍ଧି ଥିଲେ, ସେମାନେ ଆଜି କୁଆଡେ ଧୋବ ଧାଉଳିଆ ଲୋକ ପ୍ରତିନିଧି। ଯେଉଁମାନେ ସମାଜ ଅସାଜିକ ଗୁଣ୍ଡା, ହତ୍ୟାକାରୀ,ବଳାତ୍କାରୀ ସମାନେ ଆଜି ବିଧାୟକ, ମନ୍ତ୍ରୀ। ଯେଉଁମାନେ ଶ୍ରୀ ଅକ୍ଷର ବିବର୍ଜିତ, ସେମାନେ ଆଜି ବିଧାନସଭା ଓ ସଂସଦରେ ବସି ନୀତି ନିର୍ଦ୍ଧାରଣ କରନ୍ତି। ଯେଉଁମାନେ ବିଚ଼କ୍ଷଣ ଅଧ୍ୟୟନ କରି ଆଇଏଏସ/ଆଇପିଏସ/ଆଇଏଫଏସ ଚ଼ାକିରୀ ଖଣ୍ଡେ ପାଇଲେ, ସେମାନେ ହେଲେ ନେତାଙ୍କ ଆଜ୍ଞାଧୀନ ବା ଚ଼ାକର।ସ୍ୱଳ୍ପ ଜ୍ଞାନ ସଂପନ୍ନ ନେତା ମନ୍ତ୍ରୀଙ୍କ ନିକଟରେ ସର୍ବଭାରତୀୟ ପ୍ରଶାସନିକ ସେବକମାନଙ୍କ ଅବସ୍ଥା ଅତ୍ୟନ୍ତ ଦୁର୍ବିସହ। ଆଜି ଉନ୍ନୟନ ନାଁ ରେ ବାର୍ଷିକ ଯେଉଁ ଆର୍ଥିକ ଅଟକଳ ହୁଏ,ସେସବୁ ନେତା ଏବଂ ମନ୍ତ୍ରୀଙ୍କ ଇଙ୍ଗିତରେ ପରିଚ଼ାଳିତ ହୁଏ। ଅମଲାତନ୍ତ୍ରମାନେ ଗାଁ ରୁ ସହର ପର୍ଯ୍ୟନ୍ତ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ସଂକଳ୍ପବଦ୍ଧ ହୋଇଥାନ୍ତି। ମାତ୍ର ନେତାଙ୍କ ଆଦେଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ ହେଉଥିବାରୁ ବହୁ ଅର୍ଥ ବାଟମାରଣା ହୁଏ। ସେଥି ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ କହିଥିଲେ: କେନ୍ଦ୍ର ସରକାର ଯଦି ବିକାଶ ଲାଗି ଟଙ୍କାଟିଏ ପଠାଯାଏ, ତେବେ ଗାଁ ରେ ୧୫ ପଇସା ପହଞ୍ଚି ଥାଏ। ଏଣୁ ଦୁର୍ନୀତି ଭାରତରେ କି ପ୍ରକାରର କାୟା ବିସ୍ତାର କରିଛି ଅନୁମେୟ। ନେତା ଏବଂ ଅମଲାତନ୍ତ୍ରର ବକ୍ତି ବିଶେଷ ଭ୍ରଷ୍ଟ ଯୋଗୁଁ ସବୁଠି ବିକାଶର ବିକଳ ଚ଼ିତ୍ର କାୟା ବିସ୍ତାର କରିଛି। ସମ୍ବାଦ ପତ୍ର ଏବଂ ବୈଦ୍ୟୁତିକ ଗଣମାଧ୍ୟମଗୁଡିକ ବର୍ତ୍ତମାନ କିଛି ପୁଞ୍ଜିପତି ଏବଂ ରାଜନୈତିକ ନେତାମାନଙ୍କ ଦ୍ୱାରା ସ୍ଥାପିତ। ତେଣୁ ସମ୍ବାଦର ସତ୍ୟତା ଏବଂ ନିରପେକ୍ଷତା ଉପରେ ଆଉ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରୁନାହିଁ। ପ୍ରତି ଦିନ ନିଜ ଗୁଣ ଗାନରେ ଶାସକ ଦଳ ନେତାଙ୍କ ବିଜ୍ଞାନରେ ସମ୍ବାଦପତ୍ର କଳେବର ବୃଦ୍ଧି। ନାଁ କୁ ମାତ୍ର ସ୍ୱାଧୀନ, ନିରପେକ୍ଷ ଏବଂ ସତ୍ୟ ସମ୍ବାଦର ଡିଣ୍ଡିମ ପିଟିବା ସାର । ସରକାରଙ୍କୁ ଯେଉଁ ଗଣମାଧ୍ୟମ ସମାଲୋଚ଼ନା କଲା, ବିଜ୍ଞାପନରୁ ବଞ୍ଚିତ ହେବା ସହ ମିଥ୍ୟା ମକଦ୍ଦମାରେ ଛନ୍ଦି ହେବା ଘଟଣା ଆଜି କାଲିକା ରାଜନୀତି ର ଏକ ଘୃଣ୍ୟ ଭାବନା ମୁଣ୍ଡ ଟେକିଛି ,ଏହା ଜନସାଧାରଣଙ୍କୁ ଅଜ୍ଞ ବହୁତ ଜଣା। ଏଣୁ ଗଣତନ୍ତ୍ର ବର୍ତ୍ତମାନ ଦିଗହରା । ସେହି ପରି ଯେଉଁ ସଚେତନଶୀଳ ନାଗରିକମାନେ ସରକାର ବିରୁଦ୍ଧରେ ବିକ୍ଷୋଭ, ଧର୍ମଘଟ କରନ୍ତି, ସେମାନଙ୍କୁ ମଧ୍ୟ ପୋଲିସ ଦ୍ୱାରା ଦମନ କରିବାର ଭିନ୍ନ ଏକ କୌଶଳକୁ ଆଜି କାଲି ପ୍ରୟୋଗ କରାଯାଉଛି। ତେବେ ରାଜତନ୍ତ୍ର, ଏକଛତ୍ରବାଦ ତନ୍ତ୍ର ଠାରୁ ଯେଉଁ ଗଣତନ୍ତ୍ରକୁ ସର୍ବଶ୍ରେଷ୍ଠ ତନ୍ତ୍ର ବୋଲି ଆମ ପୂର୍ବଜମାନେ ଚ଼ିନ୍ତାକରି ସଂବିଧାନ ନିର୍ମାଣ କରିଥିଲେ,ତାହା ବହୁ ପରିମାଣରେ କଳୁଷିତ ଏବଂ ଦିଗ ହରା କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ତ୍ତମାନ ଯେଉଁ ଦଳ ଥରେ କେନ୍ଦ୍ର ହେଉ କି ରାଜ୍ୟ ହେଉ ଶାସନ ଗାଦିରେ ବସୁଛି,ସେ କ୍ରମାଗତ ଭାବେ ଶାସନ କୁ ଆସିବା ପାଇଁ ସୂକ୍ଷ୍ମ ରଣ କୌଶଳକୁ ପ୍ରୟୋଗ କରୁଛି। ବର୍ତ୍ତମାନ ଇଲୋକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ଆସିଲା ପରେ ସଠିକ ମତଦାନ ହେଉନଥିବା ଅଭିଯୋଗ ହେଉଛି। ଇଭିଏମ ଟାମ୍ପରିଂ ହେଉଥିବା ବିରୋଧ ଦଳମାନେ ବାରମ୍ବାର ମୁଖ୍ୟ ନିର୍ବାଚ଼ନ କମିଶନରଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରିବାର ନାହିଁ। ତେବେ ଯେଉଁ ପାଶ୍ଚାତ୍ୟ ଦେଶମାନଙ୍କରୁ ଇଭିଏମ ଦ୍ୱାରା ମତଦାନ ଗ୍ରହଣ କରାଯାଉଥିଲା,ସେ ସବୁ ଦେଶରେ ଏହି ପ୍ରକ୍ରିୟାକୁ ସଂପୂର୍ଣ୍ଣ ବନ୍ଦ ହୋଇଗଲାଣି। କିନ୍ତୁ ଭାରତରେ ଇଭିଏମ ପଦ୍ଧତିରେ ନିର୍ବାଚ଼ନ ପ୍ରକ୍ରିୟା ଜାରି ରହିଛି। ପୂର୍ବରୁ ବାଲଟ ପେପରରେ ନିର୍ବାଚ଼ନ ସଠିକ୍ ଥିଲା। ମାତ୍ର ନିର୍ବାଚ଼ନ ଫଳାଫଳ ଘୋଷଣାରେ ବିଳମ୍ବ ରହିଥିଲା। ଇଭିଏମ ଦ୍ୱାରା ଗଣନା କରିବା ଓ ନିର୍ବାଚ଼ନ ଫଳାଫଳ ଘୋଷଣା ସହଜ ସାଧ୍ୟ ହୋଇପାରୁଛି । କିନ୍ତୁ କିଛି ନିର୍ଦ୍ଦିଷ୍ଟ ଦଳ ନିର୍ବାଚ଼ନର ବାରମ୍ବାର ବିଜୟ ହେଉଥିବାରୁ ଇଭିଏମ ଟାମ୍ପରି ହେଉଥିବା ସନ୍ଦେହ କରାଯାଉଛି । ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଯଦି ଗୋଟିଏ ଦଳ ବାରମ୍ବାର ନିର୍ବାଚ଼ନ ରେ ବିଜୟ ଲାଭ କରେ ତେବେ ଏକଛତ୍ରବାଦ ଶାସନ କାୟା ବିସ୍ତାର କରିଥାଏ । ସେଠାରେ କବେ ସୁସାଶାନ ଚ଼ାଲି ନଥାଏ । ନେତାମାନେ ମନମୁଖୀ ଶାସନ ଚ଼ଳାଇବା ସହିତ ଭ୍ରଷ୍ଟାଚ଼ାର, ଦୁର୍ନୀତି ଖୋର ହୋଇ ଥାନ୍ତି। ଶାସନ ବ୍ୟବସ୍ଥାକୁ ଶୃଙ୍ଖଳିତ ଏବଂ ମାର୍ଜିତ କରିବା ପାଇଁ ଦଳକୁ ପରିବର୍ତ୍ତନ କରିବା ଆବଶ୍ୟକ। ଏହି ସୁଯୋଗ ପାଞ୍ଚ ବର୍ଷ କୁ ଥରେ ନାଗରିକଙ୍କ ହାତରେ କ୍ଷମତା ରହିଛି ।ଭୋଟ ଦେବାର ଯେଉଁ କ୍ଷମତା ନାଗରିକ ହାତରେ ରହିଛି,ସେ ଯଦି ସଠିକ୍ ନେତାଙ୍କୁ ଭୋଟ ଦେଇ ବିଜୟ କରେ ତେବେ ସମାଜରେ ବିକାଶ ସମ୍ଭବ। ମଣିଷ ବଞ୍ଚିବାକୁ ହେଲେ ପ୍ରଥମେ ଖାଦ୍ୟ, ବସ୍ତ୍ର,ବାସ ଗୃହ ଦରକାର।ଏହା ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଆବଶ୍ୟକତା ରହିଛି।ତାପରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ନିହାତି ଆବଶ୍ୟକ। ଏଥି ପ୍ରତି ସରକାର ଧ୍ୟାନ ଦେଲେ ସମାଜରେ ସୁଖ, ଶାନ୍ତି, ଶୃଙ୍ଖଳା ଏବଂ ସମୃଦ୍ଧି ପ୍ରତ୍ୟେକ ବ୍ୟକ୍ତି ଉପଲବ୍ଧି କରି ପାରିବେ ।ଏଥି ପାଇଁ ପ୍ରତ୍ୟେକ ନାଗରିକଙ୍କୁ ରୋଜଗାର କ୍ଷମ କରିବାକୁ ପଡିବ । ମାଗଣା ବ୍ୟବସ୍ଥା କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ପଡିବ।ନିଜ ଶିଙ୍ଘରେ ନିଜେ ମାଟି ତାଡି ବଞ୍ଚିବାରେ ବହୁତ ଆନନ୍ଦ ଓ ଆସ୍ଥା ରହିଛି। ଏଣୁ ମାଗଣା ଦେଇ ଭାରତର ୭୫ ଭାଗ ଲୋକଙ୍କୁ ଦାରିଦ୍ର୍ୟ କାରାଗୃହରେ ବନ୍ଦୀ ନକରି ଆର୍ଥିକ ସ୍ୱାଧୀନତାର ରାସ୍ତା ଉନ୍ମୁକ୍ତ କରିବା ସବୁ ରାଜନୈତିକ ଦଳଗୁଡ଼ିକର ମୁଖ ଲକ୍ଷ୍ୟ ରହିବା ଆବଶ୍ୟକ।

(ସଭାପତି, ଉତ୍କଳ ସାହିତ୍ୟ ସଂସଦ,
ମାଲକାନଗିରି)
ମୋନଂ:୯୪୩୭୭୭୯୪୪୭

# ସଡ଼କ ସୁରକ୍ଷା ଓ ପାଠ୍ୟକ୍ରମରେ ସଚେତନତାର ଶିକ୍ଷା



ଯଶସ୍ୱିନୀ ପଟ୍ଟନାୟକ

ପିଲାମାନେ, ଏବେ ସକାଳୁ କୁହୁଡ଼ି ଓ ଶୀତ ତୁମ୍ଭ ମାନଙ୍କୁ ନିଶ୍ଚିନ୍ତ ଅସ୍ତବ୍ୟସ୍ତ କରୁଥିବ। ତୁମ୍ଭ ମାନଙ୍କ ଭିତରୁ କିଛି ସାଇକେଲରେ ତ ସ୍କୁଲ ଆସୁଛ ଆଉ କେହି କେହି ବାପାମାଆଙ୍କ ଗାଡ଼ିରେ, ଆମ ସ୍କୁଲ ବସ ବି ତୁମ୍ଭ ମାନଙ୍କୁ ଘରୁ ନେବା ଆଣିବା କରୁଛି। ଏବେ ସଡ଼କ ସୁରକ୍ଷା ସପ୍ତାହ ଚାଲିଛି। ତେବେ ଗୋଟିଏ କଥା ତୁମେ ମାନେ ମନେରଖିଥାଅ, ଦିନକୁ ଦିନ ସଡ଼କ ଯେଉଁପରି ବ୍ୟସ୍ତ ବହୁଳ ଆଉ ବିପଦମୁହାଁ ହୋଇଯାଉଛି ତୁମ୍ଭ ଅଭିଭାବକମାନଙ୍କ ସହିତ ମୁଁ ବି ଚିନ୍ତିତ ହୋଇପଡ଼େ। ତେଣୁ ସଡ଼କ, ସଡ଼କ ଦୁର୍ଘଟଣା ଓ ସଡ଼କ ସୁରକ୍ଷା ଜନିତ ସରକାରଙ୍କ ପାଠ୍ୟକ୍ରମ ଏହି ସବୁ ବିଷୟରେ କିଛି ମୁଁ ଏଠାରେ ଲେଖୁଛି। ଦ୍ରୁତଗତି ମହାବିପତ୍ତି। ଦ୍ରୁତଗତିରେ ଗାଡ଼ି ଚାଳନା କଲେ ଦୁର୍ଘଟଣା ନିଶ୍ଚିନ୍ତ ଓ ଜୀବନ ସଙ୍କଟାପନ୍ନ ସୁନିଶ୍ଚିତ। ତେବେ ଏନେଇ ରାଜ୍ୟ ସରକାର ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି ଓ ଓଡ଼ିଶା ଏକ ଦୁର୍ଘଟଣା ପ୍ରବଳ ରାଜ୍ୟ ହୋଇଥିଲେ ବି ସରକାରଙ୍କ ବ୍ୟାପକ ସଚେତନତା ପାଇଁ କିଛିକାଂଶରେ ଦୁର୍ଘଟଣା ହ୍ରାସ ପାଉଛି। ନିକଟରେ ଏକ ସରକାରୀ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଦ୍ରୁତଗତିରୁ ଓଡ଼ିଶାରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଛି। ଗଲା ୧୦ ବର୍ଷ ରାଜ୍ୟରେ ପ୍ରାୟ ୪୫ ହଜାର ବ୍ୟକ୍ତିଙ୍କ ମୁଣ୍ଡ ଗଡ଼ିଲାଣି।

ନିକଟରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଆମ ଦେଶର ମୋଟରଯାନ ସଂଖ୍ୟା ସାରା ବିଶ୍ୱ ତୁଳନାରେ ମାତ୍ର ଏକ ପ୍ରତିଶତ। କିନ୍ତୁ ସର୍ବାଧିକ ୧୧ ଭାଗ ସଡ଼କ ଦୁର୍ଘଟଣା ଆମ ଦେଶରେ ଘଟୁଛି। ୨୦୨୨ରେ ୧.୪ ଲକ୍ଷ ଲୋକ ଦୁର୍ଘଟଣାରୁ ମରିଥିଲେ। ପ୍ରତି ଘଣ୍ଟାରେ ହାରାହାରି ୧୬ଜଣଙ୍କ ମୁଣ୍ଡ ଗଡୁଛି। ଚିନ୍ତାର ବିଷୟ ଯେ ଓଡ଼ିଶାରେ ଶହେ ଦୁର୍ଘଟଣାରୁ ୪୮ ଜଣ ମରୁଥିବା ବେଳେ ଜାତୀୟ ସ୍ତରରେ ଏହା ୩୬ରେ ସୀମିତ। ୨୦୨୩ ଜାନୁୟାରୀରୁ ଜୁନ ଭିତରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବଢ଼ିଛି। ୨୦୨୩ରେ ୬୨୭୨ ଦୁର୍ଘଟଣାରୁ ୨୯୯୧ ଜଣଙ୍କ ପ୍ରାଣ ଯାଇଥିବାବେଳେ ୨୦୨୨ ମୋଟ ୨୮୪୯ ଜଣ ମରିଥିଲେ। ୨୦୨୨ ମସିହାରେ ୫୪୬୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ହେଲମେଟ ନ ପିନ୍ଧିବାରୁ ୧୬୯୫ ଜଣ ବାଇକ ଆରୋହୀଙ୍କ ପ୍ରାଣ ଯାଇଛି। ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ପାଇଁ ୧୪୫ କୋଟି ଟଙ୍କାର ବଜେଟ ବନାଯାଇଛି। ରାସ୍ତା ପାର୍ଶ୍ୱ ଗ୍ରାମାଞ୍ଚଳରୁ ଅତିକମରେ ୧୦ଜଣ ବ୍ୟକ୍ତିଙ୍କୁ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ବିଶେଷଜ୍ଞମାନେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଆବଶ୍ୟକ। ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଢ଼ାଯାଇଛି। ସେମାନଙ୍କୁ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ଦିଆଯାଉଛି। ବ୍ଲାକ ସ୍ପଟକୁ ସର୍ଭେ କରାଯାଇ ତ୍ରୁଟି ସୁଧାରାଯାଉଛି। ରୋଡ଼ ସାଇନେଜ ଅଡ଼ିଟ କରାଯାଉଛି। ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନାରେ ଇ-ଡିଟେକ୍ସନ ଯୋଗେ ଅମାନିଆ ସାବାଡ଼ ହେଉଛନ୍ତି। ସିସିଟିଭି ସଂଯୋଗ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ହେଉଛି।

ଦୈନନ୍ଦିନ ସଡ଼କଜନିତ ଭୟାନକ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏ କ୍ଷେତ୍ରରେ ସଚେତନତାକୁ ଗୁରୁତ୍ୱ ଦେବା ପାଇଁ ବିଦ୍ୟାଳୟ ପାଠ୍ୟକ୍ରମ ବିଷୟରେ ସଡ଼କ ସୁରକ୍ଷାକୁ ଅନ୍ତର୍ଭୁକ୍ତ କରାଯାଇଛି। ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଇତିହାସ, ରାଜନୀତି ବିଜ୍ଞାନ ସହ ଭୂଗୋଳରେ ମଧ୍ୟ ଏହା ସ୍ଥାନିତ ହୋଇଛି। ସୂଚାଇ ଦିଆଯାଇପାରେ ସଡ଼କ ସୁରକ୍ଷା କମିଟି ପକ୍ଷରୁ ବିଧିବଦ୍ଧ ଭାବେ ଚିନ୍ତା ପ୍ରକଟ କରାଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହା ଗତ ୨୦୧୬-୧୭ ଶିକ୍ଷା ବର୍ଷରୁ ସ୍ଥାନିତ ହୋଇଛି। ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ବନ୍ଧରେ କୋମଳମତି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦେବା ସହ ନିୟମାବଳୀ ସମ୍ପର୍କିତ ସବିଶେଷ ତଥ୍ୟ ପାଠ୍ୟ ପୁସ୍ତକରେ ସ୍ଥାନିତ ହୋଇଛି। ବର୍ତ୍ତମାନର ଶିକ୍ଷା ଖସଡ଼ାରେ ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପରିବେଶ ବିଜ୍ଞାନ ପାଠ୍ୟକ୍ରମରେ ସଡ଼କ ସୁରକ୍ଷା ସମ୍ପର୍କରେ ଶିକ୍ଷା ଦିଆଯାଉଥିବା ବେଳେ ତୃତୀୟ ଶ୍ରେଣୀରେ ଜଣା ଅଜଣା ପାଠ୍ୟ ପୁସ୍ତକରେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ତଥ୍ୟ ସୂଚିତ ହୋଇଛି। ଆମେ ଓ ଆମ ପରିବେଶ ପୁସ୍ତକ ଯାହାକି ଚତୁର୍ଥ ଶ୍ରେଣୀର ଶିକ୍ଷା ଖସଡ଼ାରେ ରହିଛି ସେଥିରେ ସାଧାରଣ ଦୁର୍ଘଟଣା ଓ ପଞ୍ଚମ ଶ୍ରେଣୀର ପରିବେଶ ବିଜ୍ଞାନ ପୁସ୍ତକରେ ସାମାଜିକ ଶୃଙ୍ଖଳା ବିଷୟରେ ରାସ୍ତା ଦୁର୍ଘଟଣାର କାରଣ, ଏଥିରୁ ରକ୍ଷା ପାଇବାର ଉପାୟ, ସାମାଜିକ ଦାୟିତ୍ୱ ଆଦି ବିଷୟରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ପୋଥିଗତ ବିଦ୍ୟା ଭାବରେ ପିଲାଙ୍କ ବହିରେ ଏସବୁ ସ୍ଥାନିତ ହେବା ବ୍ୟତୀତ ନିୟମିତ ଭାବେ ବିଭିନ୍ନ ସଚେତନଧର୍ମୀ ସ୍ଲୋଗାନ, ପ୍ରବନ୍ଧ, ତର୍କ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହାପାଇଁ ବିଭାଗୀୟ କ୍ଷେତ୍ରରେ ପିଲାମାନଙ୍କ ଶ୍ରେଣୀ ରୁଟିନ୍‌ରେ ଦୁଇଟି ପିରୟଡ଼ ରହିଛି। କେବଳ ସେତିକି ନୁହେଁ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ କ୍ଲାସ ଆରମ୍ଭ ପୂର୍ବରୁ ପ୍ରାର୍ଥନା ଶ୍ରେଣୀରେ ଯେଉଁ ନୈତିକତା, ଜ୍ଞାନବିଜ୍ଞାନ ସୂଚନା ବ୍ୟବସ୍ଥା ରହିଛି ସେଥିରେ ସଡ଼କ ସୁରକ୍ଷା ମଧ୍ୟ ଯୋଡ଼ା ଯାଇଛି। ଚଳିତ ବର୍ଷ ଶିକ୍ଷା ବର୍ଷରୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତ ଇତିହାସ ଓ ଭୂଗୋଳ ପୃଷ୍ଠା ପାଇଁ କଭର ପୃଷ୍ଠା ପଛପଟେ ସଡ଼କ ସୁରକ୍ଷା ସଂକ୍ରାନ୍ତ କରଣୀୟ ଓ ଅକରଣୀୟ ତଥ୍ୟ ସୂଚିତ କରାଯାଇଛି। ସଡ଼କ ସୁରକ୍ଷା ଭିତ୍ତିରେ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା ଏପରି ପିଲାମାନେ ବିଦ୍ୟାଳୟ ବସରେ ଚଢ଼ିବା ବେଳେ ଗୋଟିଏ ଧାଡ଼ିରେ ଛିଡ଼ା ହୋଇ ଶୃଙ୍ଖଳା ରଖିବା, ପାଦଚଲା ରାସ୍ତାରେ ଯାଉଥିବାବେଳେ ଫୁଟ୍‌ପାଥ ବ୍ୟବହାର, ରାତିରେ ସାଇକେଲରେ ପ୍ରତିଫଳକ ପଟି ଲଗାଇବା, ଚାଲି ଚାଲି ରାସ୍ତା ପାର ହେଉଥିଲେ ଜେବ୍ରା କ୍ରସିଂ ଓ ଫୁଟ୍‌ଓଭର ବ୍ରିଜ୍ ବ୍ୟବହାର ପରି ବିଭିନ୍ନ ତଥ୍ୟ ସୂଚିତ ହୋଇଛି। ଜନସଂଖ୍ୟା ବୃଦ୍ଧି ସହିତ ବୃଦ୍ଧି ପାଉଛି ଗାଡ଼ି ମୋଟର। ସଡ଼କରେ ଗାଡ଼ି ଘନତ୍ୱ ବୃଦ୍ଧି ପରେ ଦୁର୍ଘଟଣା ଓ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଏକ ଅଭିନବ କାର୍ଯ୍ୟକ୍ରମ ରକ୍ଷକ। ଦୁର୍ଘଟଣାଗ୍ରସ୍ତ ଲୋକମାନଙ୍କୁ ସହାୟତା କରିବା ସେମାନଙ୍କର ପ୍ରାଥମିକ କାର୍ଯ୍ୟ ହେବ ଏବଂ ଏଥିପାଇଁ ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରାଯିବ। ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ପାଖରେ ସର୍ବ ପ୍ରଥମେ ସ୍ଥାନୀୟ ଲୋକମାନେ ପହଞ୍ଚିଥାନ୍ତି। ସେମାନଙ୍କ ସହାୟତା ଉପରେ ଆହତଙ୍କ ଜୀବନ ଓ ମୃତ୍ୟୁ ନିର୍ଭର କରିଥାଏ। ତେଣୁ ସେମାନଙ୍କୁ ପ୍ରଶିକ୍ଷିତ କରି ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ବଞ୍ଚାଇବା ନିମନ୍ତେ ରକ୍ଷକମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ରକ୍ଷକ କାର୍ଯ୍ୟକ୍ରମ ଅନ୍ତର୍ଗତ ତାଲିମ ବ୍ୟବସ୍ଥା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆପଣମାନେ ହେଉଛନ୍ତି ଜଣେ ଜଣେ ଉତ୍ତମ ନାଗରିକ। ଦୁର୍ଘଟଣାର ପ୍ରଥମ ଏକ ଘଣ୍ଟା ଅତ୍ୟନ୍ତ ସମ୍ବେଦନଶୀଳ। ଏହି ସମୟରେ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରିଲେ ବହୁ ଅମୂଲ୍ୟ ଜୀବନ ରକ୍ଷା ହୋଇପାରିବ। ବିପଦରେ ପଡ଼ିଥିବା ଲୋକର ଜୀବନ ବଞ୍ଚାଇବା ଠାରୁ ବଡ଼ ପୁଣ୍ୟ କାର୍ଯ୍ୟ ଆଉ କିଛି ନାହିଁ। ଦୁର୍ଘଟଣାର ଶିକାର ଲୋକଙ୍କ ସହାୟତା ପାଇଁ ଆଗେଇ ଆସୁଥିବା ଉତ୍ତମ ନାଗରିକଙ୍କୁ ୨ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦେବା ବ୍ୟବସ୍ଥା ହୋଇଛି। ସେହିପରି ଦୁର୍ଘଟଣାର ଶିକାର ହୋଇଥିବା ଆହତ ଲୋକଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ୧୪୭ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଛନ୍ତି। ସଡ଼କ ଦୁର୍ଘଟଣା ରୋକିବା ଲକ୍ଷ୍ୟରେ ରାଜ୍ୟ ସରକାର ଆରମ୍ଭ କରିଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ବିଭିନ୍ନ ବେସରକାରୀ ସଂଗଠନ ପକ୍ଷରୁ ସଡ଼କ ଦୁର୍ଘଟଣାରେ ଆହତଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବା ଓ ସଚେତନତା ସୃଷ୍ଟି କ୍ଷେତ୍ରରେ କରାଯାଉଥିବା ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଓ ଲୋକପ୍ରିୟ ନିଷ୍ପତ୍ତି ନେଇଛନ୍ତି। ଏଣିକି ସବୁ ଟ୍ରାଫିକ ପୋଷ୍ଟରେ ରହିବ ଫାଷ୍ଟଏଡ଼ କିଟ। ପୋଷ୍ଟ ପାଖାପାଖି ରାସ୍ତାରେ କେହି ସାମାନ୍ୟ ଆହତ ହେଲେ ଏହି କିଟରେ ଚିକିତ୍ସା କରାଯିବ। ଟ୍ରାଫିକ କର୍ମଚାରୀ ଏହି ଚିକିତ୍ସା କରାଇବେ। ଟ୍ରାଫିକ କର୍ମଚାରୀ ଏ ନେଇ ପୂର୍ବରୁ ଜାଣିଥିଲେ ବି ସେମାନଙ୍କୁ ପୁଣି ତାଲିମ ପ୍ରଦାନ କରାଯିବ। ସେହିପରି ହୃଦ୍‌ରୋଗୀଙ୍କ ପ୍ରାଥମିକ ଚିକିତ୍ସା ପାଇଁ ସିପିଆର୍ ବିଷୟରେ ଅବଗତ କରାଯିବ। ତେବେ ଏଭଳି କିଟ ପୂର୍ବରୁ ମଧ୍ୟ ବିଭିନ୍ନ ପୋଷ୍ଟରେ ଏକ ଏନ୍‌ଜିଓ ପକ୍ଷରୁ ଦିଆଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ତାହା ଠିକ୍ ଭାବେ ଚାଲିଲା ନାହିଁ। ଏବେ ଟ୍ରାଫିକ ପୁଲିସର ନିଜସ୍ୱ ଉଦ୍ୟମରେ ଏଭଳି କରିବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ଏଣିକି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ମିଳିବ ଆଶୁ ଚିକିତ୍ସା। ଦୁର୍ଘଟଣାସ୍ଥଳରା ଆଖପାଖ ଚା' କି ଟାୟାର ଦୋକାନୀ ଅବା ପେଟ୍ରୋଲ ପମ୍ପ କର୍ମଚାରୀ ବି ଆହତଙ୍କୁ ଦୁର୍ଘଟଣା ପରବର୍ତ୍ତୀ ପ୍ରାଥମିକ ଚିକିତ୍ସା ଦେଇପାରିବେ। ଏ ନେଇ ରାସ୍ତାକଡ଼ ଉଠାଦୋକାନୀ, ପୁଲିସ, ପେଟ୍ରୋଲପମ୍ପ କର୍ମଚାରୀଙ୍କୁ (ଫାଷ୍ଟଏଡ଼୍ ପ୍ରି ଟ୍ରମା କେୟାର) ସ୍ୱତନ୍ତ୍ର ତାଲିମ ଦିଆଯିବ। ପ୍ରାଥମିକ ଉପଚାର ମାଧ୍ୟମରେ ଜଣେ ଅସୁସ୍ଥ ବା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଜୀବନ ସୁରକ୍ଷା କରାଯିବା ସହ ସୁରକ୍ଷିତ ଭାବେ ଡାକ୍ତରଖାନାରେ ପହଞ୍ଚାଯାଇ ପାରିବ। ସାଧାରଣତଃ ଆଶୁ ଉପଚାର ମାଧ୍ୟମରେ ଆହତଙ୍କ ଅବସ୍ଥାରେ ଉନ୍ନତି ଆଣିବା ସହିତ ଉଚିତ ପଦ୍ଧତିରେ ସ୍ଥାନାନ୍ତରୀକରଣ ପ୍ରାଥମିକ ଉପଚାରର ପ୍ରାରମ୍ଭିକ ଲକ୍ଷ୍ୟ। ଦୁର୍ଘଟଣାସ୍ଥଳରେ ଉପସ୍ଥିତ ବ୍ୟକ୍ତିଙ୍କୁ ଏହି ଦିଗରେ ପ୍ରଶିକ୍ଷଣ ଦିଆଯାଇ ପାରିଲେ ପରବର୍ତ୍ତୀ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରାଯାଇପାରିବ। ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ମିଳିବ ଆଶୁ ଚିକିତ୍ସା। ଦୁର୍ଘଟଣାସ୍ଥଳରା ଆଖପାଖ ଚା' କି ଟାୟାର ଦୋକାନୀ ଅବା ପେଟ୍ରୋଲ ପମ୍ପ କର୍ମଚାରୀ ବି ଆହତଙ୍କୁ ଦୁର୍ଘଟଣା ପରବର୍ତ୍ତୀ ପ୍ରାଥମିକ ଚିକିତ୍ସା ଦେଇପାରିବେ। ଏ ନେଇ ରାସ୍ତାକଡ଼ ଉଠାଦୋକାନୀ, ପୁଲିସ, ପେଟ୍ରୋଲପମ୍ପ କର୍ମଚାରୀଙ୍କୁ (ଫାଷ୍ଟଏଡ଼୍ ପ୍ରି ଟ୍ରମା କେୟାର) ସ୍ୱତନ୍ତ୍ର ତାଲିମ ଦିଆଯିବ। ରାଜ୍ୟ ପରିବହନ ବିଭାଗ ଏହି ନିଷ୍ପତ୍ତି ନେଇଛି। ଭାରତର ରାସ୍ତା ତଥା ଭାରତୀୟ ଗାଡ଼ିଚାଳକମାନେ ହେଉଛନ୍ତି ପୃଥିବୀର ସବୁଠାରୁ ବିପଜ୍ଜନକ। ଏହି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଦରକାର ଚାଳକମାନଙ୍କ ସାବଧାନତା, ଭଲ ସଡ଼କ ଉପଯୋଗୀ ଗାଡ଼ିର ଚଳାଚଳ ଏବଂ ଖିଲାପିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଭାରତର ଲାଇଫ୍ ଲାଇନ କୁହାଯାଉଥିବା ସଡ଼କ ପଥ ଗୁଡ଼ିକ ସଂପ୍ରତି ଅସୁରକ୍ଷିତ ହୋଇପଡ଼ିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ଅଧିକାଂଶ ସଡ଼କ ବର୍ତ୍ତମାନ ସୁଦ୍ଧା ଖାଲ ଖମାରେ ଭର୍ତ୍ତି, ଦୁଇପଟେ ଘର ଉଠୁଥିବାରୁ ଅନେକ ସଡ଼କପଥର କଡ଼ ଅଂଶ ଜବର ଦଖଲ ହୋଇଥାଏ ଯାହାଦ୍ୱାରା ରାସ୍ତାରେ ଗମନା ଗମନ ସଙ୍କୁଚିତ ହେବାକୁପଡ଼େ। ସେହିପରି ସରକାରୀ ଆଇନକାନୁନ୍ ଓ ପରିବହନ ସଂକ୍ରାନ୍ତୀୟ ଜ୍ଞାନ ନଥାଇ ଅନେକ ଗାଡ଼ି ଚାଳକଙ୍କ ନିଜ ଷ୍ଟାଇଲରେ ଗାଡ଼ି ଚଲାଇବାଦ୍ୱାରା ଉଦ୍‌ବେଗଜନକ ଦୁର୍ଘଟଣା ବଢ଼ିଥାଏ। ମଦ୍ୟପାନ ବା ନିଶାସେବନ କରି ଗାଡ଼ି ଚଲାଉଥିବା ଚାଳକଙ୍କ ସଂଖ୍ୟା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ ବଢ଼ିବାରେ ଲାଗିଛି। ସଡ଼କଟି ପାଦ ଚଲା ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଲାଣି। ମୋବାଇଲ ଫୋନରେ ଗପିବାର ବ୍ୟସ୍ତ ରହି ଅନେକ ପଥଚାରୀ ସହଜେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଉତ୍ତମ ଗମନାଗମନର ସୁଯୋଗ ତଥା ଲୋକମାନଙ୍କ ଭିତରେ ସମ୍ପର୍କର ଦୂରତ୍ୱକୁ କମାଇବା ପାଇଁ ସରକାର ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ଏହାର ତମାମ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ତେବେ ଏସବୁ ଭିତରେ ସଚେତନତା ବଢ଼ାଇବା ଆମ ମାନଙ୍କର ପ୍ରମୁଖ କର୍ତ୍ତବ୍ୟ। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ




# କେନ୍ଦୁଝର ସହରରେ ପାନୀୟଜଳ ପାଇପ ବିଛାରେ ବ୍ୟାପକ ଦୁର୍ନୀତି, ଭିଜିଲାନ୍ସ ତଦନ୍ତ ଦାବୀ କଲା ବିଜେପି




କେନ୍ଦୁଝର (ପିଏନ୍): କେନ୍ଦୁଝର ସହରରେ ପାନୀୟ ଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପ ପକାଇବାରେ ବ୍ୟାପକ ଦୁର୍ନୀତି ହୋଇଥିବା ସହ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ କରିଛି ବିଜେପି। ବିଭାଗ ପକ୍ଷରୁ ପାଣି ପାଇପ ବିଛା କାମ ପାଇଁ ଟେଣ୍ଡର ଆହ୍ୱାନ କରାନଯାଇ ଗୁପ୍ତ ଟେଣ୍ଡର କରାଯାଇ କାମ ବାଣ୍ଟି ଦିଆଯାଇଛି। କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ କେନ୍ଦୁଝରଗଡ ପୌରପାଳିକା ଅଧକ୍ଷା ନିକୁ ସାହୁ, ଏସଟି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମିତା ନାୟକ, ବିଜେପି କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ସୂତ୍ରଧର,ଜିଲ୍ଲା ବିଜେପି ସମ୍ପାଦକ ଶିବ କୁମାର ରାଠୋର,ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସବିର ଦାଶ,ବରିଷ୍ଠ ବିଜେପି ନେତା ସତ୍ୟବ୍ରତ ନାୟକ ପ୍ରମୁଖ ଭିଜିଲାନ୍ସ ଡିଏସପି ଦୈତାରୀ ଘଡେଇ ଙ୍କୁ ଭେଟି ଏହାର ତଦ' ଦାବୀ କରିଛିଁ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭ଟି ଗୁପ୍ତ ଟେଣ୍ଡର କରାଯାଇ କିଛି ଠିକାଦାରଙ୍କୁ ମିଟର ପିଛା ୨୦୦ ଟଙ୍କା ଅଧିକ ପଇଠ କରାଯାଇଛି। ଘଟଣାରୁ ପ୍ରକାଶ ଯେ, କେନ୍ଦୁଝର ସହରର ବିଭିନ୍ନ ୱାର୍ଡରେ ଘରକୁ ଘର ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ରାସ୍ତା ଖୋଳି ପାଇପ ବିଛାଇବା ପାଇଁ ସରକାରୀ ଅର୍ଥ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ ବା ପିଏଚଇଡିକୁ ଆସିଥିବାବେଳେ ଏଥିପାଇଁ ଲାଗିଥିବା ପାଇପକୁ ସରକାରୀ ଭାବେ କିଣାଯାଇ କେବଳ ବିଛାଇବା ପାଇଁ ଛୋଟ ଛୋଟ ଟେଣ୍ଡର କରାଯାଇଥିଲା,ଯେଉଁ ଟେଣ୍ଡର ଅନଲାଇନ ମାଧ୍ୟମରେ ବା ଇ-ଟେଣ୍ଡର ମାଧ୍ୟମରେ କରା ନ ଯାଇ ନିଜର ଠିକାଦାରଙ୍କୁ କାମ ଦେବା ପାଇଁ ଅଫିସ କାର୍ଯ୍ୟାଳୟର ଟେଣ୍ଡର କରାଯାଇ ସମ୍ପାଦିତ କରାଯାଇଥିଲା। ତେବେ ଏହି ୧୦୦ଏମଏମ ଗୋଳେଇ ଥିବା ଏଚଡିପିଇ ପାଇପ ବିଛାଇବା ସକାଶେ ପ୍ରତି ମିଟରର ଦର ୧୩୫ଟଙ୍କା ୭୦ ପଇସା ଥିବାବେଳେ କେବଳ ଗୋଟିଏ ବିଲରେ ଏହି ଦର ପ୍ରଦାନ କରାଯାଇ ଅନ୍ୟ ସମସ୍ତ ବିଲରେ ୩୩୬ଟଙ୍କା ୪୦ ପଇସା ପ୍ରଦାନ କରାଯାଇଛି। ପ୍ରାୟ ୭ରୁ ଉର୍ଦ୍ଧ ବିଲରେ ଏହି ବର୍ଦ୍ଧିତ ଦର ପ୍ରଦାନ କରାଯାଇଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ଏହି ବିଲ ଗୁଡିକ ପାଖାପାଖି ତାରିଖରେ ପ୍ରଦାନ କରାଯାଇଛି। ବରଂ ପରବ ୀ ତାରିଖରେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ବିଲରେ କମ ପରିମାଣ ଦିଆଯାଇଥିବାବେଳେ ପୁରୁଣା ତାରିଖରେ ୱାର୍କଅର୍ଡର ପାଇଥିବା ଠିକାଦାରମାନଙ୍କୁ ଅଧିକ ତିନିଗୁଣା ଦରରେ ବିଲ ପ୍ରଦାନ କରାଯାଇଛି। ଏହି ଏଚଡିପିଇ ପାଇପ କେନ୍ଦୁଝର ଶ୍ରୀ ଅରବିନ୍ଦ ବିଦ୍ୟାଳୟ ନିକଟରେ ଥିବା ପିଏଚଇଡି କାର୍ଯ୍ୟାଳୟରୁ ପରିବହନ, ଗାତଖୋଳା, ପାଇପ ଲଗାଇବା ପାଇଁ ଏହି ଦର ପ୍ରଦାନ କରାଯାଇଛି। ସାତସିଙ୍ଗା ସରସ୍ୱତୀ ଶିଶୁମନ୍ଦିର ନିକଟ, କମାରଗୋଡା ହୁଡି ସାହି, ବଣିଆପାଟ ମୁଣ୍ଡା ସାହି, ଏଗ୍ରିକଲଚର କଲୋନୀ, ଏଲଆଇସି କଲୋନୀ, ବିଗ ବଜାର ନିକଟରେ ଥିବା ଗଳିରେ ଏହି କାର୍ଯ୍ୟରେ ୩୩୬ଟଙ୍କା ୪୦ ପଇସା ପ୍ରତି ମିଟର ପାଇଁ ପ୍ରଦାନ କରାଯାଇଛି। ପାଇପ ବିଛାଇବା ପାଇଁ ଶ୍ରମିକ ମଜୁରୀ ବାବଦରେ ଜଣେ ଠିକାଦାର ରାଜେନ୍ଦ୍ର ନାରାୟଣ ସେଠୀ ଙ୍କୁ ମିଟର ପ୍ରତି ୧୩୫ ଟଙ୍କା ୭୦ ପଇସା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଠିକାଦାର ବିପିନ ରାଉତ ଏବଂ ଅଖେଶଜି ଜେନାଙ୍କୁ ୩୩୬ ଟଙ୍କା ୪୦ ପଇସା ପ୍ରଦାନ କରାଯାଇଛି। ସମାନ କାମକୁ ୨୦୦ ଟଙ୍କା ଅଧିକ ପଇଠ କରାଯାଇଥିବାରୁ ଏହି କାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଛି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହର ପାଇଁ ସମସ୍ତ ବିଭାଗୀୟ କାର୍ଯ୍ୟ ଟେଣ୍ଡରର ଗୋଟିଏ ମୂଲ୍ୟ ରହିଥିବାବେଳେ ଏହି ତାରତମ୍ୟ ନିର୍ଦ୍ଦିଷ୍ଟ କିଛି ଲକ୍ଷ୍ୟ ରଖି କରାଯାଇଥିବା ଜଣାପଡିଛି। ଅସାଧୁ ଯନ୍ତ୍ରୀଙ୍କ ହାତ ଚିକ୍କଣ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଛି ବୋଲି ବିଜେପି ଅଭିଯୋଗ କରିଛି। କେନ୍ଦୁଝରଗଡ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ୩୭୦୦ ମିଟର ପକାଯାଇ ବିଲ କରାଯାଇଥିବା ବେଳେ ବାସ୍ତବରେ ସେତିକି ମିଟର ପଡିଛି କି ନାହିଁ ତାହା ମଧ୍ୟ ତଦନ୍ତ ଦାବୀ କରାଯାଇଛି।

# ନାରୀଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ ପାରଳା ମହାରାଜା



ଭୁବନେଶ୍ୱର (ପିଏନ୍): ନବ ଓଡିଶାର ବିନ୍ଧାଣୀ, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର, ଆମ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ଗତକାଲି ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ଡ. ଦ୍ୱାରୀକାନାଥ ମହାନ୍ତି ମାଲ୍ୟାର୍ପଣ କରି କହିଥିଲେ ଯେ, ପାରଳା ମହାରାଜା ସେ ସମୟରୁ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ପ୍ରସନ୍ନ ରଥ, ସମରଂଜନ ମହାନ୍ତି, ରାମଚନ୍ଦ୍ର ସାମଲ ଓ ରମେଶ ଚନ୍ଦ୍ର ପାତାଳ ସିଂହ ପ୍ରମୁଖ ମାଲ୍ୟାର୍ପଣ କରି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ। ଶେଷରେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଡ. ଦ୍ୱାରୀକାନାଥ ମହାନ୍ତିଙ୍କୁ କୃଷ୍ଣଚନ୍ଦ୍ର ଗଜପତି ସମ୍ମାନରେ ସମ୍ମାନିତ କରିଥିଲେ।

## ପ୍ରଗତି କ୍ଲବ ପକ୍ଷରୁ ହଟକେଶ୍ୱର ମନ୍ଦିର ପରିସର ସଫେଇ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଅଟ୍ରୀସ୍ଥିତ ଶ୍ରୀ ଶ୍ରୀ ଏକାଦଶ ରୁଦ୍ର ହଟକେଶ୍ୱର ମନ୍ଦିର ପରିସରକୁ ସ୍ଥାନୀୟ ତଳସାହିର ପ୍ରଗତି କ୍ଲବ ପକ୍ଷରୁ ସଫେଇ କରାଯାଇଥିଲା। ସୂଚନା ଥାଉକି ହଟକେଶ୍ୱର ଦେବଙ୍କ ଚନ୍ଦନ ଯାତ୍ରା ସମୟରେ ଚାପ ଖେଳ ଦେଖିବା ପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଏହି ସମୟରେ ପ୍ରସାଦ ସେବନର ବ୍ୟବସ୍ଥାରେ ବ୍ୟବହାର ହୋଇଥିବା ବିଭିନ୍ନ ପରିତ୍ୟକ୍ତ ଦ୍ରବ୍ୟ ଯଥା: ଖଲିପତ୍ର, ନଡିଆ କତା,କଦଳୀ ଚୋପା, ଦୀପ, ପଲିଥିନ ସମେତ ଦ୍ରବ୍ୟଗୁଡିକ ଏଣେତେଣେ ପଡି ପରିବେଶ ଅପରିଷ୍କାର ହୋଇଥିଲା। ଏଗୁଡିକୁ ପରିଷ୍କାର କରିଥିବାରୁ ସ୍ଥାନୀୟ କ୍ଲବର ସଦସ୍ୟଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବର୍ଷିଆନ ମାର୍କ୍ସବାଦୀ ନେତା ଶିବାଜୀ ପଟ୍ଟନାୟକଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ଭୁବନେଶ୍ୱର (ପିଏନ୍): ବର୍ଷିଆନ୍ କମ୍ୟୁନିଷ୍ଟ ନେତା, ଓଡିଶାରେ ସି.ପି.ଆଇ.(ଏମ୍)ର ଭଗିରଥ, ମାର୍କ୍ସବାଦୀ ଦାର୍ଶନିକ ଓ ତତ୍ତ୍ୱବିତ୍ ଶ୍ରୀ ଶିବାଜୀ ପଟ୍ଟନାୟକଙ୍କର ୯୨ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଶ୍ରୀ ପଟ୍ଟନାୟକଙ୍କ ଜୀବନ ଥିଲା ସଂଘର୍ଷପୂର୍ଣ୍ଣ। ଛାତ୍ର ଅବସ୍ଥାରେ ଛାତ୍ର ଫେଡେରେସନ୍‌ରେ ଯୋଗ ଦେଇ ଟ୍ୟୁସନ୍ ଫିସ୍ ବୃଦ୍ଧି ବିରୋଧୀ ଆନ୍ଦୋଳନ ଏବଂ ରାଜ୍ୟ ପୁନର୍ଗଠନ ଆନ୍ଦୋଳନରେ ଯୋଗଦେଇ ନିଜର ସାଂଗଠନିକ ପାରଦର୍ଶିତା ପ୍ରମାଣିତ କରିଥିଲେ। ପରେ ମାତ୍ର ୧୭ ବର୍ଷ ବୟସରେ ଅବିଭକ୍ତ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟତା ଲାଭ କରିଥିଲେ। ଏଥିସହ କୃଷକ ଆନ୍ଦୋଳନ ଓ ପ୍ରଜା ଆନ୍ଦୋଳନ ମଧ୍ୟ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ପରେ ସେ ଓଡିଶାରେ ଶ୍ରମିକମାନଙ୍କୁ ସଂଗଠିତ କରିବା ପାଇଁ ବିଭିନ୍ନ ସ୍ଥାନରେ ସଂଗଠନମାନ ଗଠନ କରିଥିଲେ। ଦେଶର ଅନ୍ୟତମ ଶକ୍ତିଶାଳୀ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ "ସି.ଆଇ.ଟି.ୟୁ" ର ସେ ଥିଲେ ପ୍ରଥମ ସଭାପତି ଏବଂ ପାଖାପାଖି ଦେଢ ଦଶନ୍ଧି ଧରି ଏହି ପଦବୀରେ ରହିଥିଲେ। ୧୯୬୪ ମସିହାରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଗଠନ ପରେ ଓଡିଶାରେ ଏହାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ। ୧୯୭୨ରୁ ୧୯୯୦ ମସିହା ପର୍ଯ୍ୟନ୍ତ ରାଜ୍ୟ କମିଟିର ସମ୍ପାଦକ, ୧୯୭୮ ରୁ ୧୯୮୯ ପର୍ଯ୍ୟନ୍ତ କେନ୍ଦ୍ର କମିଟିର ସଦସ୍ୟ ରହିଥିଲେ। ଜଣେ ଲୋକପ୍ରିୟ ନେତା ଭାବେ ଭୁବନେଶ୍ୱର ନିର୍ବାଚନମଣ୍ଡଳୀରୁ ୩ ଥର ଲୋକସଭାକୁ ନିର୍ବାଚିତ ହୋଇ ଶ୍ରମଜିବୀ ଜନଗଣ ବିଶେଷ କରି ଓଡିଶାର ସ୍ୱାର୍ଥ ସମ୍ବଳିତ ସମସ୍ୟା ଗୁଡିକୁ ତୋଳି ଧରିଥିଲେ। ମାର୍କ୍ସବାଦୀ ସାହିତ୍ୟ ଉପରେ ତାଙ୍କର ଅଗାଧ ଜ୍ଞାନ ଥିଲା। ପାର୍ଟିର ମୁଖପତ୍ର 'ସାମ୍ୟବାଦୀ' ର ସମ୍ପାଦକ ଦାୟିତ୍ୱ ଅତ୍ୟନ୍ତ ଦକ୍ଷତାର ସହ ତୁଲାଇଥିଲେ। ନିୟମିତ ତାଙ୍କର ଲେଖନୀରୁ ଉପାଦେୟ ଲେଖାମାନ ପ୍ରକାଶ ପାଉଥିଲା। ରାଜ୍ୟରେ ବନ୍ୟା, ବାତ୍ୟା, ମରୁଡି ଭଳି ପ୍ରାକୃତିକ ଦୁର୍ବିପାକ ବେଳେ ବିପନ୍ନ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଅଭାବ ଅସୁବିଧା ଦୂର କରିବାକୁ ଚେଷ୍ଟା କରୁଥିଲେ। ଏହିଭଳି ଜଣେ ବର୍ଷିଆନ ଜନନାୟକଙ୍କ ଦେହାବସାନ ଓଡିଶା ପାଇଁ ଏକ ଗଭୀର ଶୂନ୍ୟସ୍ଥାନ ପୂରଣ କଲା। ସେ ଥିଲେ ଅଜାତ ଶତ୍ରୁ। ତାହା ହିଁ ପ୍ରମାଣିତ ହେଲା ତାଙ୍କର ମରଶରୀର ଆଜି ପାର୍ଟିର ରାଜ୍ୟ ଦପ୍ତରରେ ପହଞ୍ଚିବା ପରେ। ରାଜନୈତିକ ମତ ଭିନ୍ନତା ସତ୍ତ୍ୱେ ସମସ୍ତ ଦଳର ନେତୃବୃନ୍ଦ ତାଙ୍କର ଶେଷ ଦର୍ଶନ ପାଇଁ ମଇ ୨୪ ତାରିଖରେ ସି.ପି.ଆଇ.(ଏମ୍) ରାଜ୍ୟ ଦପ୍ତରରେ ପହଞ୍ଚିଥିଲେ। ଦଳ ମତ ନିର୍ବିଶେଷରେ ରାଜ୍ୟର ତୁଙ୍ଗ ରାଜନୈତିକ ନେତୃବୃନ୍ଦ ଏବଂ ବୁଦ୍ଧିଜୀବୀବର୍ଗ ଶିବାଜୀ ବାବୁଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ନିଜର ଜୀବଦଶା ମଧ୍ୟରେ ଜନଗଣଙ୍କର ସେବାରେ ନିୟୋଜିତ ରହିବା ପରେ ଡାକ୍ତରୀ ଛାତ୍ରଙ୍କ ଶିକ୍ଷା ଓ ଗବେଷଣା ପାଇଁ ତାଙ୍କର ପାର୍ଥିବ ଶରୀରକୁ ତାଙ୍କ ଇଚ୍ଛାକୁ ସମ୍ମାନ ଦେଇ ଦାନ କରାଯାଇଥିଲା ଏ.ଆଇ.ଆଇ.ଏମ୍.ଏସ୍. ଭୁବନେଶ୍ୱର ପ୍ରତିଷ୍ଠାନକୁ।

ସିପିଆଇ(ଏମ୍) ରାଜ୍ୟ ପରିସର ମଧ୍ୟରେ ଗତକାଲି ଅନୁଷ୍ଠିତ ଏହି ଶ୍ରଦ୍ଧା ନିବେଦନ କାର୍ଯ୍ୟକ୍ରମରେ ସିପିଆଇ(ଏମ୍) ପଲିଟିବ୍ୟୁରୋ ସଦସ୍ୟ ସୂର୍ଯ୍ୟକାନ୍ତ ମିଶ୍ର, ସିପିଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସିପିଆଇ(ଏମ୍) ପ୍ରାକ୍ତନ ରାଜ୍ୟ ସମ୍ପାଦକ ଜନାର୍ଦ୍ଦନ ପତି, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସିପିଆଇ ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଦିବାକର ନାୟକ, କଂଗ୍ରେସ ଦଳର ବରିଷ୍ଠ ନେତା ତଥା ପ୍ରାକ୍ତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଜୁ ଜନତା ଦଳର ରାଜ୍ୟ ନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିପିଆଇ(ଏମ୍-ଏଲ୍) ଲିବରେସନ୍ ରାଜ୍ୟର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ, ସିପିଆଇ(ଏମ୍-ଏଲ୍) ରାଜ୍ୟନେତା ଶ୍ରୀକାନ୍ତ ମହାନ୍ତି, ଆମ ଆଦମି ପାର୍ଟି ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ରାଧାକାନ୍ତ ସେଠୀ, ଏସ.ୟୁ.ସି.ଆଇ. କମ୍ୟୁନିଷ୍ଟ ନେତ୍ରୀ ସ୍ୱୟଂପ୍ରଭା କର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, କୃଷକ ନେତା ଲିଙ୍ଗରାଜ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ ଏବଂ ସଂଗ୍ରାମୀ ଜନସାଧାରଣ ଯୋଗ ଦେଇଥିଲେ।

# ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଙ୍ଘ ଆନୁକୂଲ୍ୟରେ ସଙ୍ଘ ସଭାଗୃହରେ ଆଇନଜୀବୀ ଦିବସ ତଥା ୧୭୪ତମ ମଧୁ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଜିଲ୍ଲା ଓକିଲ ସଙ୍ଘର ସଭାପତି ଧ୍ରୁବଚରଣ ଜେନା ସଭାପତିତ୍ୱ କରିଥିଲେ। ଏହି ସଭାରେ ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାଜଜ ଅଜୟ କୁମାର ପ୍ରଧାନ, ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ ବି. କେ. ଚିନାରା, ଅତିରିକ୍ତ ବରିଷ୍ଠ ସିଭିଲ ଜଜ ଶୋଭନ କାନୁନଗୋ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସଂଗୀତା ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଧୁବାବୁଙ୍କ ଜୀବନାଦର୍ଶ ଉପରେ ଆଇନଜୀବୀ ଭୀମସେନ ଭୂୟାଁ, ସରୋଜରାଜ ସିଂ, ପରୀକ୍ଷିତ ପାତ୍ର, ପ୍ରଭାତ ଅଧିକାରୀ, ଧିରେନ କୁମାର ସାହୁ, ଗୋକୁଳି ରଞ୍ଜନ ଦାସ, ବିଜୟ ପରିଡା, ଆଶୁତୋଷ ମହାନ୍ତି, ଆଶିଷ ସେନାପତି, ରମଣୀରଞ୍ଜନ ରାଉତରାୟ, ପ୍ରଦୀପ କୁମାର ଦାଶ, ନିତ୍ୟାନନ୍ଦ ସ୍ୱାଇଁ, ବଳଦେବ ପ୍ରସାଦ ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ମଧୁବାବୁଙ୍କ ସମେତ ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଦାସ ଓ ସୁବାଷ ବୋଷଙ୍କ ପ୍ରତିମୂ ିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ଜିଲ୍ଲାଜଜ ଶ୍ରୀ ବେହେରାଙ୍କୁ ମଧୁବାବୁଙ୍କ ପଗଡି ପିନ୍ଧାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାଜଜ ଶ୍ରୀ ବେହେରା ବୟୋଜ୍ୟେଷ୍ଠ ଆଇନଜୀବୀ ନୃସିଂହ ଚରଣ ମହାନ୍ତିଙ୍କୁ ଉ ରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଯୁବ ଆଇନଜୀବୀ ସରୋଜ କୁମାର ପରିଡାଙ୍କୁ ଅବସରପ୍ରାପ୍ତ ଜିଲ୍ଲାଜଜ ଜଗଦାନନ୍ଦ ପଣ୍ଡା ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଙ୍ଘର ଉପସଭାପତି ହାଡିବନ୍ଧୁ ସିଂ, ସହସମ୍ପାଦକ ଅସ୍ତରାଗ ତ୍ରିପାଠୀ, କୋଷାଧ୍ୟକ୍ଷ ରାଜୀବ ପାତ୍ର, ଲାଇବ୍ରେରୀଆନ ଚୈତନ୍ୟ ମଲିକ, କମିଟି ସଦସ୍ୟ ବିଚିତ୍ର କୁମାର ବେହେରା, ଅଞ୍ଜନା ମହାନ୍ତି ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ସଭାରେ ଆଇନଜୀବୀ ଅକ୍ଷୟ କୁମାର ନାଥ, ନେହେରୁ କୁମାର ସାହୁ, ଅରକ୍ଷିତ ସୁଆର, ସତ୍ୟ ପରିଡା, ଆଶିଷ କୁମାର ସାମଲ, ଲକ୍ଷ୍ମଣ ସାହୁ ପ୍ରମୁଖ ବହୁ ସଂଖ୍ୟାରେ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## ଯାଜପୁର ସ୍ପୋର୍ଟସ କିକ୍ ବକ୍ସିଂ ଆସୋସିଏସନ୍ ପକ୍ଷରୁ ଜଳଛତ୍ର



ଯାଜପୁର (ପିଏନ୍): ପ୍ରଚଣ୍ଡ ଖରା ଓ +୨ ପରୀକ୍ଷାକୁ ଦୃଷ୍ଟିରେ ରଖି ଯାଜପୁର ସ୍ପୋର୍ଟସ କିକ୍ ବକ୍ସିଂ ଆସୋସିଏସନ୍ ଦ୍ୱାରା ଏନ୍‌ସି କଲେଜଠାରେ ଏକ ଜଳଛତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଥିଲା। ପରୀକ୍ଷାର୍ଥୀ ଓ ଅଭିଭାବକମାନେ ଉକ୍ତ ଜଳଛତ୍ରରେ ଘୋଳ ଦହି ଓ ଥଣ୍ଡା ପାନୀୟ ଜଳ ଗ୍ରହଣ କରି ଆସୋସିଏସନ୍‌ର ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା ଓ ଶୁଭାଶିଷ ପ୍ରଦାନ କରିଛନ୍ତି। ଅନୁଷ୍ଠାନର ସଭାପତି ଭବପ୍ରସାଦ ଦାସ ଓ କାର୍ଯ୍ୟକାରୀ ସଭାପତି ପ୍ରଫେସର ବଟକୃଷ୍ଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଳଛତ୍ରକୁ ଆସୋସିଏସନ୍‌ର ସମ୍ପାଦକ ରଂଜନ କୁମାର ସୁତାର, ଜ୍ୟୋତିର୍ମୟ ନାଥଶର୍ମା, ଜିତେନ୍ଦ୍ର ମହାନ୍ତି, ରିତେନ୍ଦ୍ର ବିଶ୍ୱାଳ, କ୍ଷୀରୋଦ ହାତୀ, ସଂଜୀବ ଭଦ୍ର, ଅର୍ପିତା ନାୟକ ଓ ରଂଜୁଲତା ମିଶ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହା ପୂର୍ବରୁ ଆସୋସିଏସନ୍ ତରଫରୁ ସ୍ୱଚ୍ଛତା ଯାଜପୁର ଓ ସୁସ୍ଥ ଯାଜପୁର ଅଭିଯାନ ମାଧ୍ୟମରେ ଏନ୍‌ସି କଲେଜର ବାଣିଜ୍ୟ ବ୍ଲକରେ ସଫେଇ କାର୍ଯ୍ୟ ମଧ୍ୟ ହୋଇଯାଇଛି। ଏହି ସଫେଇ କାର୍ଯ୍ୟକ୍ରମକୁ ଛାତ୍ର ସମାଜ ଓ ଆଲୁମିନି ଆସୋସିଏସନ୍ ତରଫରୁ ପ୍ରଶଂସା ମଧ୍ୟ ମିଳିଥିଲା। ଆସୋସିଏସନ୍‌ର ସମ୍ପାଦକ ଶ୍ରୀଯୁକ୍ତ ସୁତାର କିକ୍ ବକ୍ସିଂ ଦ୍ୱାରା ଏକ ସୁସ୍ଥ ଓ ନିର୍ଭିକ ସମାଜ ଗଠନ ହିଁ ଆସୋସିଏସନ୍ ମୂଳ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ।

## କେନ୍ଦୁଝର ପ୍ରଥମ ଥର ଦେଖିବ କି ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ ?

କେନ୍ଦୁଝର (ପିଏନ୍): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳି ସରକାରରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବାକୁ ଯାଉଛି ବୋଲି ସବୁଠି ଚର୍ଚ୍ଚା ଚାଲିଛି। ବଡବଡିଆ ନେତାଙ୍କଠାରୁ ଶୁଣିବାକୁ ମିଳୁଛି ଦାଗୀ ଓ ବୟସ୍କଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିବ ନାହିଁ ଏବଂ ଉପେକ୍ଷିତ ବର୍ଗଙ୍କୁ ମିଳିବ ଅଗ୍ରାଧିକାର। ଏହାକୁ ନେଇ କେନ୍ଦୁଝର ଜିଲ୍ଲା ରାଜନୀତି ମଧ୍ୟ ପଛରେ ନାହିଁ। ଏହି ସୂତ୍ରରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବା ଶୁଣିବା ପରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳର ଅନୁସୂଚିତ ଜାତି ବର୍ଗଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି। ସେମାନଙ୍କ କହିବା ଅନୁଯାୟୀ କେନ୍ଦୁଝର ଦେଖିଛି ସାଧାରଣ ବର୍ଗର ମନ୍ତ୍ରୀ ଓ ଅନୁସୂଚିତ ଜନଜାତିର ମନ୍ତ୍ରୀ; କିନ୍ତୁ କେବେ ଦେଖିନାହିଁ ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ। ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ ପଞ୍ଚମ ପାଳିର ଦ୍ୱିତୀୟ ଇନିଂସରେ କେନ୍ଦୁଝରର ଜଣେ ଅନୁସୂଚିତ ଜାତି ବର୍ଗରୁ ମନ୍ତ୍ରୀ କରିବା ପାଇଁ। ତାଙ୍କ ମନୋବଳକୁ ସୁଦୃଢ କରିବା ସହ ସେମାନେ ସମାଜର ମୁଖ୍ୟସ୍ରୋତରୁ ଅଲଗା ନୁହନ୍ତି ବୋଲି ଓ ତାଙ୍କ ବର୍ଗକୁ ସମ୍ମାନ ଜଣାଇ ଦଳିତ ବର୍ଗରୁ ଏଥର ମନ୍ତ୍ରୀ ଜଣଙ୍କୁ କରିବା ପାଇଁ ବିନତି କରିଥିବା ଜଣାପଡିଛି। ଜିଲ୍ଲାର ୬ଟି ନିର୍ବାଚନ ମଣ୍ଡଳୀର ପ୍ରାୟତଃ ୫ ଶହ ଅନୁସୂଚିତ ଜାତି ବର୍ଗର ଲୋକ ଏକ ଦରଖାସ୍ତରେ ଦସ୍ତଖତ କରି ଜଣେ ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡିଛି।

## ସିପିଆଇ(ଏମ) ଜିଲ୍ଲା କାର୍ଯ୍ୟାଳୟରେ ଆନ୍ତର୍ଜାତିକ ମଇ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସହରର ଖଡିଅଙ୍ଗସ୍ଥିତ ସିପିଆଇ(ଏମ) ଜିଲ୍ଲା କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମୋଦି ସରକାର କର୍ପୋରେଟ ସପକ୍ଷରେ ଆଇନଗତ ପରିବ ନମାନ କରୁଛନ୍ତି। ୪୪ଟି ଶ୍ରମ ଆଇନ ପରିବ ନ କରି ଶ୍ରମିକ ବିରୋଧି ୪ଟି ଶ୍ରମ କୋର୍ଡରେ ପରିଣତ କରିଛନ୍ତି। ସେହିପରି ଚାଷୀମାନଙ୍କ ବିରୋଧରେ ଆଣିଥିବା ୩ଟି କଳା କୃଷି ଆଇନକୁ ବ୍ୟାପକ ଆନ୍ଦୋଳନ ଫଳରେ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି। ସମସ୍ତ ସରକାରୀ ଉଦ୍ୟୋଗକୁ ବିକ୍ରୀ ଚାଲିଛି। ବୀମା, ବ୍ୟାଙ୍କ, ପରିବହନ ସେବା, ବିମାନ ବନ୍ଦର, ଜଳପଥ ଓ ସ୍ଥଳପଥକୁ ବିକ୍ରୀ ଚାଲିଛି। ଦରଦାମରେ ନିୟନ୍ତ୍ରଣ ନାହିଁ। କରୋନା ମହାମାରୀରେ ଦେଶର ଆର୍ଥିକ ଅବସ୍ଥା ଭୁଷୁଡି ପଡିଥିଲା ବେଳେ ଆଦାନୀ ଓ ଆମ୍ବାନୀଙ୍କ ଶକ୍ତି ବୃଦ୍ଧି ହୋଇଛି। ଏହିଭଳି ପରିସ୍ଥିତିରେ ମଇ ଦିବସ ପାଳନ ଅବସରରେ ପାର୍ଟିର ପତାକା ଉତ ଳନ କରିଥିଲେ ବରିଷ୍ଠ ନେତା ମାଧବ ଦାସ ଓ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ବରିଷ୍ଠ ନେତା ଜଗତଜୀବନ ଦାଶ। ମୁଖ୍ୟବକ୍ତା ଭାବେ ଜିଲ୍ଲା ସମ୍ପାଦକ ଗୟାଧର ଧଳ ବକ୍ତବ୍ୟ ରଖି କହିଲେ ଲାଲଝଣ୍ଡା ଶକ୍ତିଶାଳୀ ହେଲେ ହିଁ ଦେଶକୁ ରକ୍ଷାକରାଯାଇ ପାରିବ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା କନଷ୍ଟ୍ରକସନ ୱାର୍କର୍ସ ୟୁନିଅନର ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ମଲିକ, ନିରାକାର ସାହୁ, ମାନଭଞ୍ଜନ ଷଡଙ୍ଗୀ, ବିନୟ କୁମାର ମଲ୍ଲିକ, ମହେଶ୍ୱର ସାହୁ, ମୋହନ କୁମାର ସାହୁ ପ୍ରମୁଖ ସେମାନଙ୍କର ନିଜସ୍ୱ ବକ୍ତବ୍ୟ ରଖିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମହର୍ଷି ମହେଶ ଯୋଗୀଙ୍କ ଜନ୍ମଦିବସ ପାଳିତ







ବାରିପଦା,(ପି.ଏନ): ସ୍ଥାନୀୟ ମହର୍ଷି ପବ୍ଲିକ୍ ସ୍କୁଲରେ ପୂଜ୍ୟ ମହର୍ଷି ମହେଶ ଯୋଗୀଙ୍କ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ସ୍କୁଲର କର ସାର ଗୁରୁଦେବଙ୍କ ପୂଜା କରିବାପରେ, ପିଲାମାନଙ୍କ ଦ୍ୱାରା ମହର୍ଷିଙ୍କ ଆଧ୍ୟାତ୍ମିକ ସଂଗୀତ, ଭାଷଣ ପରିବେଷଣ କରାଯାଇଥିଲା ଏବଂ ୪ର୍ଥ ଶ୍ରେଣୀ ଛାତ୍ରୀ ଅଭିଲିପସା ସୁନ୍ଦର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବଶରରେ mpsexhibition-୨୦୨୪ର ଆୟୋଜନ କରାଯାଇଥିଲା ଏବଂ ରଙ୍ଗକ୍ଷସଭସସ୍ୱସକ୍ଟଭ କୁ ଚାରି ଭାଗରେ ବିଭକ୍ତ କରାଯାଇଥିଲା । ନିମନ୍ତ୍ରିତ ବିଚାରକ ଭାବେ ଚନ୍ଦନପୁର ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ତଥା ଓସ୍ତା ସଂଘର ମୟୁରଭଞ୍ଜ ଶାଖା ସଂପାଦକ ଶ୍ରୀ ଚିତ୍ତରଞ୍ଜନ ପଳତା, ଭୁଆଷୁଣି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଶ୍ରୀ ନୟନ କୁମାର ଗିରି ଓ ମୟୁରଭଞ୍ଜର ଜଣାଶୁଣା ସୋସିଆଲ୍ ଏକ୍ଟିଭିଷ୍ଟ ଶ୍ରୀ ଆଶିଷ କୁମାର ବସା ଯୋଗ ଦେଇ ଫିତା କାଟି ପ୍ରକଳ୍ପର ଉଦଘାଟନ କରିବା ସଙ୍ଗେ ପ୍ରତ୍ୟେକ ପ୍ରକଳ୍ପକୁ ପୁଙ୍ଖାନୁ ପୁଙ୍ଖ ମୂଲ୍ୟାୟନ କରିବା ସହ ପିଲାମାନଙ୍କୁ ବିଭିନ୍ନ ଉପଦେଶ ଦେଇ ଉତ୍ସାହିତ କରିଥିଲେ । Exhibition-୨୦୨୪ ରେ ମୋଟ ୨୫ଟି ପ୍ରକଳ୍ପ ସହ ୧୦୦ରୁ ଅଧିକ ଆର୍ଟ ଓ କ୍ରାଫ୍ଟ ସ୍ଥାନ ପାଇଥିଲା । ସମ୍ପୂର୍ଣ୍ଣ ପ୍ରକଳ୍ପକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇ ପ୍ରତ୍ୟେକ ଗ୍ରୁପର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିବା ପିଲାଙ୍କୁ ସାର୍ଟିଫିକେଟ୍ ସହ କେସ୍ ପ୍ରାଇଜ୍ ଦିଆଯିବା ସହ ଅନ୍ୟ ସମସ୍ତ ପ୍ରକଳ୍ପକୁ ମଧ କନସୋଲେସନ୍ ପ୍ରାଇଜ୍ ଦିଆଯାଇଥିଲା । ପ୍ରକଳ୍ପ ଭିତରେ ଆର୍ଟ ଓ କ୍ରାଫ୍ଟରେ ପେପର କ୍ରାଫ୍ଟ , ଚନ୍ଦ୍ରାୟନ-୩ ଓ ୱାଲ୍ ହେଙ୍ଗିଂ ଏବଂ ପ୍ରକଳ୍ପରେ ୱାଟର ପଲୁସନ୍, ଟ୍ରାଫିକ୍ ଲାଇଟ୍, ୩ୟ ହୋଲଗ୍ରାମ୍, ଏସିଡ୍ ରେନ୍, ଫୋଟସିନଥେସିସ୍, ରୋଡ୍ ଏକସିଡେଣ୍ଟ, ଲେଜର ସିକୁରିଟି ହାଉସ, ସେଭ୍ ଆର୍ଥ,ଫ୍ଲୋର୍ ମେପିଙ୍ଗ, ସ୍ମାର୍ଟ ରୋଡ୍ ଆଦି ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀ କାଜଲକାନ୍ତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବା ସହ ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ଯୁବକକୁ ମାରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତୃତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୃର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା । ତେବେ ଆଜି ସକାଳେ କେନ୍ଦ୍ରାପଡାର ଏକ ସାଇଁଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।

## ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲୋ

## ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

## ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧକ୍ଷା ଅନୁପମା ପାଢୀଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।




2024 -2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Tuesday January 16, 2024 ଭୁବନେଶ୍ୱର ମଙ୍ଗଳବାର, ଜାନୁଆରୀ ୧୬,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଲାଞ୍ଜିପଲ୍ଲୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବ୍ରହ୍ମପୁର,(ପି.ଏନ): ବ୍ରହ୍ମପୁର ସ୍ଥିତ ଲାଞ୍ଜିପଲ୍ଲୀ କେଶବ ନଗର ଓ ସୁବାସ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୨୦ ତମ ବାର୍ଷିକ ଉତ୍ସବ ଶନିବାର ଦିନ ପାଳନ ହୋଇଯାଇଛି। ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ କର୍ଣ୍ଣଲ ପ୍ରଫେସର ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମହାନ୍ତି , କୁଳପତି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ର ମୁଖ୍ୟବକ୍ତା ଶ୍ରୀ ଦେବେନ୍ଦ୍ର ବେହେରା (O.E.S.II) ସମ୍ମାନିତ ଅତିଥି ରୂପେ ଓଡ଼ିଶା ରାଜ୍ୟ କାଜୁ ନିଗମ ଅଧକ୍ଷ ଶ୍ରୀ ସୁବାସ ମହାରଣା, ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଲେଇ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଜଗନ୍ନାଥ ଭୁୟାଁ,SMIT କଲେଜ ସଭାପତି ଶ୍ରୀ ଭଗବାନ ଗନ୍ତାୟତ, ଶିକ୍ଷାବିତ୍ ଅତିଥି ଶ୍ରୀ କେ. କୃଷ୍ଣମୂର୍ତ୍ତି, କର୍ପୋରେଟର ଶ୍ରୀମତୀ ସ୍ୱର୍ଣ୍ଣଲତା ସାବତ,କର୍ପୋରେଟର ଶ୍ରୀମତୀ ସୋନାଲି ଗନ୍ତାୟତ ଅତିଥି ମଞ୍ଚାସୀନ



ରହିଥିଲେ। ବିଦ୍ୟାଳୟ ସମ୍ପାଦକ ଶ୍ରୀ ବିରଞ୍ଚି ନାରାୟଣ ଦାସ ଙ୍କ ପୌରହିତ୍ୟ ରେ କାର୍ଯ୍ୟ ସମ୍ପାଦନ କରାଯାଇ ଥିବାବେଳେ ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ନନ୍ଦିନୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ କିଛି ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଫୁଲତୋଡ଼ା ଓ ଉପଢ଼ ?କନ ଦେଇ ସମ୍ମାନିତ କରାଯାଇଥିବା ବେଳେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କୁ ପ୍ରେମ୍ ସାର୍ ଙ୍କ ଦ୍ୱାରା ପରିଚାଳନା ହୋଇଥିଲେ। ଶେଷ ରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଯାଇଛି। ବିଦ୍ୟାଳୟ ର ଗୁରୁଜୀ ଶ୍ରୀ ଗଙ୍ଗାଧର ବେହେରା ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ଓ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଓ ଛାତ୍ରଛାତ୍ରୀ ମାନଙ୍କ ସହଯୋଗ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।

# ୧୭ଟି ପଂଚୟତରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକରେ ଆଜି ୧୭ ଗୋଟି ପଂଚାୟତରେ ପ୍ରଶାସନ ପକ୍ଷରୁ ଅର୍ପଣ ରଥ ପରିକ୍ରମା କରି ଅରୁଆ ଓ ଗୁଆ ସଂଗ୍ରହ କରାଯାଇଛି। ଆଜି ଧର୍ମଶାଳା ବ୍ଲକ ଅଧିନ ୧୪ ଓ ୧୫ ନଂ ଜୋନର ୧୭ ଗୋଟି ପଂଚାୟତରେ ଏହି ରଥ ପରିକ୍ରମା କରିଥିଲା। ଆଜି ଶେଷ ଦିନରେ ୧୪ ନଂ ଜୋନର ଚହଟା, ଚୋରମୁହାଁ, ଭାବାନୀପୁର, ବଡକାଏମା,ମିର୍ଜାପୁର, ପାଟପୁର,ଅଭୟପୁର, ସୁନ୍ଦୁରିଆ, ଜାରକା ପଂଚାୟତ ଏବଂ ୧୫ ନଂଜୋନର ଉତରପ୍ରତାପ, ଦେଓଦା, ମଙ୍ଗଳପୁର, ଅରାବଳ, କଦମପାଳ, ଅରେଇକଣା, ପଟୁଣିଆ, କୋତପୁର ଆଦି ପଂଚାୟତ ପରିକ୍ରମା କରି ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି। ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ଅଜି ଅର୍ପଣ ରଥ ୨ ଗୋଟି ଜୋନର ୧୭ ଗୋଟି ପଂଚାୟତ ବୁଲି ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ରଥ ଗାଁକୁ ଗାଁ ପରିକ୍ରମା କରିବା ବେଳେ ମହିଳାମାନେ ରାସ୍ତାରେ ମୂର୍ଯ୍ୟ ପକାଇ ଠାକୁରଙ୍କୁ ବନ୍ଦପନା କରିଥିଲେ।

# ମହର୍ଷି ମହେଶ ଯୋଗୀଙ୍କ ଜନ୍ମୋତ୍ସବ ପାଳିତ

ଢେଙ୍କାନାଳ, (ପି.ଏନ): ସ୍ଥାନୀୟ ଗୋବିନ୍ଦପୁରସ୍ଥିତ ମହର୍ଷି ବେଦ ବିଜ୍ଞାନ ବିଦ୍ୟାପୀଠରେ ମହର୍ଷି ମହେଶ ଯୋଗୀଙ୍କ ୧୦୭ତମ ଜନ୍ମୋତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଅଛି। ବିଦ୍ୟାପୀଠର ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ପ୍ରାତଃ ଦିନଚାର୍ଯ୍ୟା ସହିତ, ଆସନ, ଧ୍ୟାନ, ପ୍ରାମାୟମ ଓସିଦ୍ଧି କାର୍ଯ୍ୟକ୍ରମ କରାଯାଇ ବିଶ୍ୱଶାନ୍ତି ନିମନ୍ତେ ରୁଦ୍ରାଭିଷେକର ଆୟୋଜନ କରାଯାଇଥିଲା। ଦିବା ୧୧ ଘଟିକା ରେ ସଭାକାର୍ଯ୍ୟ ବିଦ୍ୟାପୀଠର ପ୍ରଭାରୀ ବ୍ରତସୁନ୍ଦର ନାୟକଙ୍କ ଅଧକ୍ଷତାରେ ଆୟୋଜନ କରାଯାଇଥିଲା। ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ଉକ୍ତ ଉତ୍ସବରେ ଯୋଗଦାନ କରି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସର୍ବ ପ୍ରଥମେ ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ ସହ ପୂଜ୍ୟପୂଜା କରାଯାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ପରେଶ କୁମାର ମିଶ୍ର ବେଦ ବିଦ୍ୟାର ଉପାଦେୟତା ତଥା ମହର୍ଷିଙ୍କ ପ୍ରଦତ ଜ୍ଞାନର ପ୍ରଚାର ପ୍ରସାର କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ବ୍ରହ୍ମାନନ୍ଦ ସାମଲ ମହର୍ଷି ମହେଶ ଯୋଗୀଙ୍କୁ ଯୁଗପୁରୁଷ ରୂପେ ବର୍ଣ୍ଣନା କରିବା ସହିତ ଭାବାତିତ ଧ୍ୟାନର ଉପକାରିତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ସଂଜୟ କୁମାର ବେହେରା ମହର୍ଷି ମହେଶଯୋଗୀଙ୍କୁ ସଦ୍‌ଗୁରୁ ରୂପେ ବର୍ଣ୍ଣନା କରି ତାଙ୍କ ପ୍ରଦତ ଜ୍ଞାନକୁ ପାଥେୟ କରି ଜୀବନ ଯାପନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ପଣ୍ଡିତ ରାଜକିଶୋର ମହର୍ଷି ମହେଶ ଯୋଗୀ କି ରି ବ୍ରାହ୍ମଣମାନଙ୍କ ହାତରେ କାର୍ଯ୍ୟକରି ବିଶ୍ୱରେ ଶ୍ରେଷ୍ଠଗୁରୁ ହୋଇପାରିଛନ୍ତି, ସେ ବିଷୟରେ ସମ୍ୟକ ଆଲୋକପାତ କରିଥିଲେ। ପରିଶେଷରେ ବିଦ୍ୟାପୀଠର ପ୍ରଭାରୀ ବ୍ରତସୁନ୍ଦର ନାୟକ ଜୀବନୀ ଉପରେ ଆଲୋକପାତ କରି ତାଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ଜୈବିକ ବିଜ୍ଞାନୀ ରୂପେ ତୁଳନା କରି ଆଜିର ସାଜରେ ବେଦବିଜ୍ଞାନର ଆବଶ୍ୟକତା ଉପରେ ପଣ୍ଡିତମାନଙ୍କୁ ବୁଝାଇଥିଲେ। ଉକ୍ତ ଉତ୍ସବରେ ବିଦ୍ୟାପୀଠର ସମସ୍ତ କର୍ମକର୍ତା ଯୋଗଦେଇ ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପରିଶେଷରେ ବିଦ୍ୟାପୀଠର ଆଚାର୍ଯ୍ୟ ପଣ୍ଡିତ ମାନସ କୁମାର ପାଣିଗ୍ରାହୀ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଦେବା ପରେ ସଭା ସାଙ୍ଗ କରାଯାଇଥିଲା।

# ଶ୍ରୀ ରାମ ତୀର୍ଥକ୍ଷେତ୍ର ଅଯୋଧ୍ୟାରୁ ଆସିଥିବା ପବିତ୍ର ଅକ୍ଷତ ବଣ୍ଟନ କାର୍ଯ୍ୟକ୍ରମ

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ) : ଅଯୋଧ୍ୟାଠାରେ ନିର୍ମାଣାଧୀନ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ଦିବ୍ୟ ମନ୍ଦିର ଓ ପ୍ରଭୁଙ୍କ ପ୍ରତିମା ଆସନ୍ତା ୨୨ ରିଖରେ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ତରଫରୁ ଭାରତର ଗ୍ରାମେ ଗ୍ରାମେ ଘରେ ଘରେ ଯେଉଁ ଭଳି ମନ୍ଦିର ନିର୍ମାଣ ପାଇଁ ନିଦ୍ଧି ସଂଗ୍ରହ ହୋଇଥିଲା ସେହି ଭଳି ପ୍ରତ୍ୟେକ ପରିବାରକୁ ନିର୍ଦ୍ଧାରତ ଶ୍ରୀରାମ ଜନ୍ମଭୂମି ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ସକାଶେ ନିମନ୍ତ୍ରଣ ଦେବା କାର୍ଯ୍ୟକ୍ରମ ଜାରି ହୋଇଛି। ବିଜେପି ନେତା ଶ୍ରୀକାନ୍ତ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଅବହେଳିତ ଆଦିବାସୀ ଗ୍ରାମ ମାନଙ୍କରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ ବଣ୍ଟନ ସମୟରେ ବହୁ ସଂଖ୍ୟାରେ ବନବାସୀମାନେ ଯୋଗଦାନ ଦେଇଥିଲେ। ପାଢ଼ୀ ବନବାସୀମାନଙ୍କଘରେଘରେଅକ୍ଷତ ବଣ୍ଟନ କରି ଆସନ୍ତା ୨୨ ତାରିଖରେ ଶ୍ରୀରାମ ଜନ୍ମଭୂମି ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ ସକାଶେ ଘରେ ଘରେ ଦୀପ ପ୍ରଜ୍ୱଳନ କରି ଦୀପାବଳୀ ଭଳି ଆନନ୍ଦ ଉତ୍ସବ ପାଳନ କରିବା ପାଇଁ ଆବାହନ କରିଥିଲେ। ଏହି କର୍ଯ୍ୟକ୍ରମରେ ସୁୟସ ଜନଜାତି ବିକାଶ ମଞ୍ଚ ସଂଯୋଜକ ଚନ୍ଦ୍ରଶେଖର ଦାସଙ୍କ ସହଯୋଗରେ ଏବଂ ସମାଜସେବୀ ମନିତା ଦାସଙ୍କ ସହ ପ୍ରତିଭା ରେଡ୍ଡୀ ଓ ରଜନୀକାନ୍ତ ପାଣିଗ୍ରାହି ଉପସ୍ଥିତ ଥିଲେ। କୁକୁଡାଖଣ୍ଡି ବ୍ଲକ ର କାଙ୍କିଆ, ସାନ କଂକିଆ, ଅମୁଣିଆ, ବାଣିଆମାରି, ଉପର ଲୁଣ୍ଡ୍ରିଗୁଡ଼ା, ତଳଲୁଣ୍ଡ୍ରିଗୁଡ଼ା ଓ

# ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର, ସିଏଫ୍‌ସି ପ୍ରତିଷ୍ଠା ଓ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ନେଇ ଅନିଶ୍ଚିତତା

ଧର୍ମଶାଳା, (ପିଏନ୍): ଧର୍ମଶାଳାର ପୂର୍ବତନ ବିଧାୟକ ତଥା ସ୍ୱର୍ଗତ ରବି ଲାବଣ୍ୟ ଜୀବିତ ଅବସ୍ଥାରେ ଧର୍ମଶାଳାର ବିକାଶ ସେ କରିଥିବା ଉଦ୍ୟମ ଅଦ୍ୟାବଧି କାର୍ଯ୍ୟକାରୀ ହେଉନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତାଙ୍କ ଉଦ୍ୟମରେ ଉନ୍ନୟନ ମୂଳକ କାର୍ଯ୍ୟ ମୁର ହୋଇଥିଲେ ବିଭିନ୍ନ ଉନ୍ନୟନ ମୁଳକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଯୋଗ୍ୟକି ଜାରକା ତଥା ଆଖପାଖ ଅଂଚଳରେ ସ୍ମଶାନ ନଥିବାରୁ ଆରାଧ୍ୟଦେବତା ପ୍ରଭୂ ଗୋକର୍ଣ୍ଣେଶ୍ୱରଙ୍କ ନାମରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ କରିବାକୁ ଶ୍ରୀ ଲାବଣ୍ୟ ଜିଲ୍ଲା ପ୍ରଶାସନ ନିକଟରେ ଦୁଇ ବର୍ଷ ପୂର୍ବେ ଦାବି କରିଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ଏଥିପାଇଁ ଅଢେଇ ଏକର ଜମି ଯୋଗାଇଦେବା ସହିତ ଏହାର ନିର୍ମାଣ ପାଇଁ ୨୦ଲକ୍ଷ ଟଙ୍କା ମୁର କରାଯାଇଥିବା ବେଳେ ଅଦ୍ୟାବଧି ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ସେହିପରି ଜାରକା ଫ୍ଲାଇଓଭର ବ୍ରିଜ ନିକଟରେ ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜାତୀୟ ରାଜପକ୍ଷ କର୍ତ୍ତୁପକ୍ଷଙ୍କୁ ପତ୍ର କରିଥିଲେ ମଧ୍ୟ ଏ ଯାଏ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ସେହିପରି ମିର୍ଜାପୁର ପଂଚାୟତ ଅଂର୍ଗତ ଅରଙ୍ଗାବାଦ ଗ୍ରାମରେ ମହିଳା କାରିଗର ମାନେ ଦୀର୍ଘଦିନ ଧରି ଚାନ୍ଦୁଆ ତିଆରି କରି ଆସୁଥିବା ବେଳେ ଏହି କାରିଗର ମାନଙ୍କ ପାଇଁ ଏଠାରେ ଏକ ସିଏଫ୍‌ସି ପ୍ରତିଷ୍ଠା କରିବା ପାଇଁ ସ୍ୱର୍ଗତ ଲାବଣ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସିଏଫ୍‌ସି ପ୍ରତିଷ୍ଠା କରିବା ନେଇ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ଯାଜପୁରଙ୍କ ନିକଟଙ୍କୁ ନିର୍ଦ୍ଦେଶ ଆସିଥିବା ବେଳେ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ସ୍ୱର୍ଗତ ଲାବଣ୍ୟଙ୍କର ଗତ ଅକ୍ଟୋବର ୩୦ରେ ଆକସ୍ମିକ ବିୟୋଗ ହୋଇଯାଇଥିବା ବେଳେ ତାଙ୍କ ଦ୍ୱାରା ମୁର ହୋଇଥିବା ଉନ୍ନୟମ ମୂଳକ କାର୍ଯ୍ୟର କାର୍ଯ୍ୟକାରିତା ନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ସ୍ୱର୍ଗତ ଲାବଣ୍ୟ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଗତ ଅଗଷ୍ଟ ମାସରେ ସାକ୍ଷାତ କରି ଅନୁରୋଧ କରିଥିବା ବେଳେ ସେ ଏହି କାର୍ଯ୍ୟ ସେପ୍ଟେମ୍ବର ୧୫ ସୁଦ୍ଧା ଆରମ୍ଭ ହେବ ବୋଲି ସ୍ୱର୍ଗତ ଲାବଣ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଆଲୋଚନା ସମୟରେ ଉପସ୍ଥିତ ଥିବା ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ହରିଶଙ୍କର ମହାବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ ଏବଂ କନିଷ୍ଠପୁତ୍ର ଆଇନଜିବୀ ଶ୍ୟାମପ୍ରସାଦ ଦାଶ ପ୍ରକାଶ କରିଛନ୍ତି। ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶେଷ କରିବା ସହିତ ମୁର ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଆଇନାର ରଜତ ଜୟନ୍ତୀ : ତୃଣମୂଳସ୍ତରରେ ରହିଥିବା ଲୋକଙ୍କୁ ବିକାଶର ମୁଖ୍ୟଧାରାରେ ଯୋଡ଼ିବା ଆବଶ୍ୟକ

ଭୁବନେଶ୍ୱର,(ପି.ଏନ): ତୃଣମୂଳସ୍ତରରେ ପଛରେ ରହିଯାଇଥିବାଲୋକଙ୍କୁ ବିକାଶର ମୁଖ୍ୟସ୍ରୋତକୁ ଆଣି ସେମାନଙ୍କୁ ଯୋଡ଼ାଯିବା ଆବଶ୍ୟକ ବୋଲି ଆଜି ସାମାଜିକ ସଂସ୍ଥା ଆଇନାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବହୁ ବିଶିଷ୍ଟ ଅତିଥି ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଗୁରୁକେଳୁଚରଣମହାପାତ୍ର ଓଡ଼ିଶୀ କେନ୍ଦ୍ରଠାରେ ପାଳିତ ରୌପ୍ୟଜୟନ୍ତୀ ଉତ୍ସବ ପାଳନ ଅବସରରେ ଆଇନା ସମ୍ପାଦିକା ସ୍ନେହ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସଭାସାଂସଦ ସୁଲତା ଦେଓ କହିଥିଲେ ଯେ ସମାଜର ବିକାଶ ପ୍ରକ୍ରିୟାରେ ପାରସ୍ପରିକ ସହଯୋଗ ଆବଶ୍ୟକ। ଚିନ୍ତାଜନକ ବିଷୟ ପ୍ରତି ସମସ୍ତେ ଗୁରୁତ୍ୱ ପ୍ରଦାନ କରିବାର ଆବଶ୍ୟକତା ରହିଛି।ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟସୂଚନା ଆୟୁକ୍ତ ତଥା ସିଓ୍ୱାଇଏସ୍‌ଡ଼ିର ମାର୍ଗଦର୍ଶକ ଶ୍ରୀ ଜଗଦାନନ୍ଦ କହିଥିଲେ ଯେ ନୂଆଭାବରେ ସମାଜର ସମସ୍ୟାଚିହ୍ନଟ ଓ ତାହାର ନିରାକରଣ କରାଯିବା ଦିଗରେ ସରକାର ସାମାଜିକ ସଙ୍ଗଠନମାନଙ୍କୁ ସାମିଲ କରାଇବା ଉଚିତ। ପ୍ରତ୍ୟେକେ ନିଜ ନିଜ କାର୍ଯ୍ୟର ଆତ୍ମସମୀକ୍ଷା କରିବାରବେଳ ଆସିଛି।ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସକଏସ୍.ବି. ଅଗ୍ନିହୋତ୍ରୀ କହିଥିଲେ




ଯେ ନିରନ୍ତର ବିକାଶ ଲକ୍ଷ୍ୟରେ ଦିବ୍ୟାଙ୍ଗମାନଙ୍କ ବିଷୟ ସମ୍ପୃକ୍ତିର ଆବଶ୍ୟକତା ରହିଛି। ଦିବ୍ୟାଙ୍ଗମାନଙ୍କ ଲିଙ୍ଗଗତ ବିକାଶ ସୂଚକାଙ୍କର ମଧ ମୂଲ୍ୟାୟନ ହେବା ଦରକାର। ଅନ୍ୟତମ ଅତିଥି ପଦ୍ମଶ୍ରୀ ସାବରମତୀ କୃଷି ଓ ଦିବ୍ୟାଙ୍ଗ ଅଙ୍ଗାଙ୍ଗୀ ହେବାର ସକାରାତ୍ମକତା ଉପରେ ବକ୍ତବ୍ୟ ରଖିଥିଲେ। କାହାପ୍ରତି ଅଶାଳୀନ ବା ଆପତିଜନକ ଭାଷାର ବ୍ୟବହାରରେ ରୋକ ଲଗାଇବାର ଜରୁରୀ ସମ୍ପର୍କରେ କହିଥିଲେ। ବରିଷ୍ଠ ପ୍ରଶାସକ ଜିଭିଭି ଶର୍ମା ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭିନ୍ନକ୍ଷମଙ୍କୁ କେହି ଯେପରି ହତାଦର ନକରନ୍ତି, ସେମାନଙ୍କ ସମସ୍ତ କ୍ଷେତ୍ରରେ ପୂର୍ଣ୍ଣସ୍ୱାଧୀନତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।ସମ୍ପାଦିକା ସ୍ନେହ ମିଶ୍ର ଆଇନାର ପଚିଶ ବର୍ଷର ଯାତ୍ରାରେ ଯେତେ ସବୁ ପ୍ରତିବନ୍ଧକ ଓ ଚାଲେଂଜକୁ ସାମ୍ନାକରି ଆସିଛି ଏବଂ ଲକ୍ଷାଧିକ ପରିବର୍ତନକାରୀ ସୃଷ୍ଟି ହୋଇ ପାରିଥିବା ଏକ ରେକର୍ଡ ବୋଲି ସୂଚନା ଦେଇଥିଲେ। ଆଇନା ପରିଚାଳନା ବୋର୍ଡର ସଭାପତି ଲଳିତା ମିଶାଲ, ଧ୍ୱନିର ନିର୍ଦ୍ଦେଶକ ଜିତେନ୍ଦ୍ର ବିଶ୍ୱାଳ, ଆଇନାର କାର୍ଯ୍ୟକ୍ରମ ପ୍ରବନ୍ଧକ ଦିଲ୍ଲୀପ ବିଶ୍ୱାଳ ପ୍ରମୁଖବକ୍ତବ୍ୟ ରଖିବା ସହ ରୌପ୍ୟଜୟନ୍ତୀ ସ୍ମରଣିକା' ଲିଗାସୀ ଅନ୍‌ଫୋଲଡର'ର ଉନ୍ମୋଚନ ଏବଂ ଆଇନାର ୱେବସାଇଟ ଲୋକାର୍ପଣ କରାଯାଇଥିଲା। ସୁଶ୍ରୀ ରୀମା ଏବଂ ପ୍ରଣତି ମିଶ୍ର ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ ଜୀବନ ବ୍ୟାପୀ ସାଧନା ନିମନ୍ତେ ଡାକ୍ତର ସେବା ମହାପାତ୍ର, ଶିରୀଶ ଚନ୍ଦ୍ର ଦାସ, ପୁରୁଷୋତମ ସାହୁ, ଗୌରୀଶ୍ୟାମ ପଣ୍ଡା, ଶ୍ରୀମତୀ ବିଦ୍ୟୁତ ସିଂଦେଓ, ଡାକ୍ତର ଗାୟତ୍ରୀ ମହାନ୍ତି, ଶ୍ରୀମତୀ ପ୍ରଭାତୀମିଶ୍ର, ଡଃ. ମମତା ପ୍ରଧାନ, ସ୍ନେହ ଲତା ମହାନ୍ତି, କୃଷ୍ଣଚନ୍ଦ୍ର ବେହେରା, ଡ. ଲେନିନ ମହାନ୍ତି ଏବଂ ନୃତ୍ୟ ଶିଳ୍ପୀ ହରିହର ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସମାଜସେବୀ ବିଶାଖା। ଧନ୍ୟବାଦ ଅର୍ପଣ କରିଥିଲେ। ଆଇନାର କାର୍ଯ୍ୟାଳୟ ଓ ସମସ୍ତ କ୍ଷେତ୍ରକର୍ମଚାରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray